



# ଟି ଟାଇମ୍

## ଜୋକ୍ସ



ଚିଣ୍ଟୁ-ବାପା କାଲି ଆମ ସ୍କୁଲକୁ ଯିବ, ଗୋଟେ ଛୋଟିଆ ଗେଟ ଟୁଗେଦର ଅଛି

ବାପା-କିଏ କିଏ ଆସୁଛନ୍ତି ?

ଚିଣ୍ଟୁ-କେହି ନୁହେଁ, ମୁଁ ତମେ ଆଉ ପ୍ରିନ୍ସପାଲ।

## ଦେବୀ ରାଧାଙ୍କ ଜନ୍ମ ରହସ୍ୟ

ବ୍ରହ୍ମବୈବର୍ତ୍ତ ପୁରାଣରେ ଦେବୀ ରାଧାଙ୍କ ଜନ୍ମ ରହସ୍ୟ କଥା ଉଲ୍ଲେଖ କରାଯାଇଛି । ଦେବୀ ରାଧା ଭଗବାନ୍ ଶ୍ରୀକୃଷ୍ଣଙ୍କ ସହ ଗୋଲକରେ ନିବାସ କରୁଥାନ୍ତି । ଥରେ ଗୋଲକରେ ଦେବୀ ସୀତା ନଥିଲେ । ଶ୍ରୀକୃଷ୍ଣ ବିରଜା ନାମକ ପତ୍ନୀଙ୍କ ସହ ବିବାହ କରୁଥିଲେ । କୃଷ୍ଣ ଓ ବିରଜାଙ୍କ ବିବାହର କଥା ରାଧାଙ୍କୁ ସୂଚନା ମିଳିବା ମାତ୍ରେ ସେ ଗୋଲକକୁ ଆସିଲେ । ସେ କୃଷ୍ଣ ଓ ବିରଜାଙ୍କୁ ଦେଖି ରାଗିଯାଇ ଶ୍ରୀକୃଷ୍ଣଙ୍କୁ ଅନେକ କଥା ଶୁଣାଇଲେ । ଯାହାଫଳରେ ଶ୍ରୀକୃଷ୍ଣଙ୍କ ମିତ୍ର ସୁଦାମାଙ୍କୁ କ୍ରୋଧ ଆସିଲା । ସେ କ୍ରୋଧିତ ହୋଇ ଦେବୀ ରାଧାଙ୍କୁ ଅପମାନ କଲେ । ଯାହାଫଳରେ ଦେବୀ ରାଧା ଓ ସୁଦାମା ପରସ୍ପରକୁ ଅଭିଶାପ ଦେଲେ । ସୁଦାମାଙ୍କ ଅଭିଶାପ କଥା ରାଧା ଶ୍ରୀକୃଷ୍ଣଙ୍କୁ କହିଥିଲେ । ଶ୍ରୀକୃଷ୍ଣ ଦେବୀ ରାଧାଙ୍କୁ କହିଥିଲେ ଯେ ପୃଥିବୀରେ ତୁମେ ଗୋକୁଳରେ ଦେବୀ କୀର୍ତ୍ତି ଏବଂ ବୃଷଭାନୁଙ୍କ କନ୍ୟାରୂପେ ଜନ୍ମଗ୍ରହଣ କରିବ। ସେଠାରେ ତୁମର ବିବାହ ରାୟାଣ ନାମକ ଏକ ବୈଶ୍ୟ ସହ ହେବ ଏବଂ ସାଂସାରିକ ଭାବେ ତୁମେ ରାୟାଣଙ୍କ ପତ୍ନୀ ବୋଲି କୁହାଯିବ । ରାୟାଣ ହେଉଛି ମୋର ଏକ ଅଂଶ । ରାଧା ରୂପରେ ତୁମର ମୋର ପ୍ରିୟା ହୋଇ ରହିବ ଏବଂ କିଛି ସମୟ ପାଇଁ ଆମ ମଧ୍ୟରେ ବିଚ୍ଛେଦ ହେବ। ସୁଦାମାଙ୍କ ଅଭିଶାପରେ ଗୋକୁଳରେ ଦେବୀ ରାଧା କୀର୍ତ୍ତି ଏବଂ ବୃଷଭାନୁଙ୍କୁ କନ୍ୟା ରୂପରେ ଜନ୍ମଗ୍ରହଣ କଲେ ।

## ଥକ୍କାପଣ ଦୂର କରିବ ପ୍ରୋଟିନ୍ ଖାଦ୍ୟ



ଅଧିକାଂଶ ସମୟ ଲୋକଙ୍କର ଅଭିଯୋଗ ରହିଆସିଛି ଯେ, ସେମାନେ ଅଳ୍ପ କାମ ରେ ଜଲଦି ଥକିପଡ଼ନ୍ତି । କିଛି ବ୍ୟକ୍ତି ଏଭଳି ବି ଅଛନ୍ତି ଯିଏ କିଛି କାମ ନ କରି ମଧ୍ୟ ଥକ୍କା ଅନୁଭବ କରିଥାନ୍ତି। ଶରୀରରେ ଶକ୍ତିର କମି ଫଳରେ ଜଣେ ବ୍ୟକ୍ତି ଥକ୍କା ଅନୁବବ କରିଥାଏ । ତେଣୁ ଶରୀରକୁ ଶକ୍ତିଶାଳୀ ବନାଇବାପାଇଁ ଆପଣ ଆପଣଙ୍କ ଖାଦ୍ୟରେ ଦିନଚର୍ଯ୍ୟାରେ ପ୍ରୋଟିନ୍ ଯୁକ୍ତ ଖାଦ୍ୟ ସାମିଲ କରନ୍ତୁ । ପୂରା ଦିନ ପାଣି କିମ୍ବା କିଛି ତରଳ ପଦାର୍ଥ ପିଇବା ଉଚିତ୍ । ପାଣି ଶରୀରର ହାନୀକାରକ ତତ୍ତ୍ୱକୁ ବାହାରକୁ ବାହାର କରି ଶାରୀରିକ ପ୍ରଣାଳୀରେ ନୂତନ ଶକ୍ତି ସୃଷ୍ଟି କରିଥାଏ । ସର୍ବତ, ଫଳରସ, ନଡ଼ିଆ ପାଣି ଭଳି ପାଣି ଜିନିଷ ପିଇବା ଉଚିତ୍ । ଶାରୀରିକ ସତେଜ ରହିବା ପାଇଁ ପ୍ରୋଟୀନ୍ ଯୁକ୍ତ ଖାଦ୍ୟ ନିଜ ଖାଦ୍ୟରେ ଗ୍ରହଣ କରିବା ଉଚିତ୍ । କାର୍ବୋହାଇଡ୍ରେଟ୍ରୁ ଶରୀରକୁ ଶକ୍ତି ମିଳିଥାଏ। ଫଳମାନଙ୍କ ମଧ୍ୟରେ କମଳା, ଆତାବି, ଲିଚି ଆଦି ଖାଇବା ଉଚିତ୍ । ଏଥିରେ ପ୍ରଚୁର ମାତ୍ରାରେ ଗ୍ଲୁକୋଜ ରହିଥାଏ । କ୍ଷୀରରେ ମହୁ ମିଶାଇ ଓ କଦଳୀର ସେକ୍ ପିଇଲେ ଶରୀରକୁ ଭଲ ଶକ୍ତି ମିଳିଥାଏ । ସବୁଠାରୁ ମହତ୍ତ୍ୱପୂର୍ଣ୍ଣ କଥା ହେଉଛି ଆପଣ ପୂରା ଦିନ ଯେତେ କାମ କରିଲେ ମଧ୍ୟ ୭ରୁ ୮ ଘଣ୍ଟାର ନୀଦ ପୂରା କରିବା ଉଚିତ୍ । ଏଭଳି କଲେ ପର ଆପଣଙ୍କୁ ସଠିକ୍ ଶକ୍ତି ମିଳିପାରିବ ।

## ପ୍ରଦୂଷଣ ବିହୀନ କାର୍

ଗାଡ଼ିମଟରର ବ୍ୟବହାର ପ୍ରଦୂଷଣ ବଢ଼ାଇଥାଏ । କିନ୍ତୁ ଏହି ଫଟୋ ଦେଖି ଆପଣ ଅନୁମାନ ଲଗାଇପାରୁଥିବେ କାର୍ ନିର୍ମାତାମାନେ ପ୍ରଦୂଷଣ ରୋକିବା ପାଇଁ ଅନେକ ପରିଶ୍ରମ କରୁଛନ୍ତି । ଏହା ସ୍ମାର୍ଟ ଫୋରଟୁ କାର୍। ଏଥିରେ ପାଞ୍ଚ ବର୍ଗ ମିଟର କ୍ଷେତ୍ରରେ ଘାସ ଜମା ହୋଇଛି । ଯାହା ପ୍ରକୃତରେ ସତସତିକା ଘାସ ନୁହେଁ ଏହା ସିଡ଼ମ ଘାସ। କାର ନିର୍ମାତାମାନେ ସେହି ସିଡ଼ମ ଘାସର ବ୍ୟବହାର କରିଛନ୍ତି । ସ୍ମାର୍ଟ ଫୋରଟୁ କାର୍ ମୁବଲ ଲ୍ୟାବର ଗ୍ରୀନ୍ ସ୍କ୍ରିନ୍ ପ୍ରୋଜେକ୍ଟ ଅନ୍ତର୍ଗତ । ମୁବଲଙ୍କ କହିବା ଅନୁସାରେ ରାସ୍ତାରେ ଯେତେବେଳେ ଏହି ଧରଣର କାର୍ ଚଳିବ, ପ୍ରଦୂଷଣ କମ୍ ହେବ ଓ ପର୍ଯ୍ୟାବରଣର ପରିସ୍ଥିତି ସୁଧୁରିବ। ଏହି କାର୍‌କୁ ପ୍ରଥମେ ଜର୍ମାନଠାରେ ସ୍ଟଟଗାର୍ଟରେ ଆସନ୍ତା ବର୍ଷର ପ୍ରଥମ ମାସରେ ସଡ଼କ ଉପରକୁ ଅଣାଯିବ । କମ୍ପାନୀର କହିବାନୁସାରେ ଏହି କାର୍ ପ୍ରତିବର୍ଷ ୭କିଲୋଗ୍ରାମ କାର୍ବନ ଡାଇଅକ୍ସାଇଡ଼ ଗ୍ୟାସ୍ କମ୍ କରିଥାଏ । ଯାହା ଗୋଟିଏ ଗଛ ସେହି ସମୟରେ ୨.୬କାର୍ବନକୁ ସଫା କରିଥାଏ । ଏମିତି ଦେଖିବାକୁ ଗଲେ ଅଟୋ ସେକ୍ଟରର ଇଞ୍ଜିନିୟର ମାନେ ଏବେ ଗ୍ରୀନ୍ ସଲ୍ୟୁସନ୍‌କୁ ନେଇ ଅଧିକ ଜାଗ୍ରତ ଅଛନ୍ତି।

## କୀର୍ତ୍ତନ କରିବା ସମୟରେ ଲୋକେ ତାଳିବଜାନ୍ତି କାହିଁକି

ଧାର୍ମିକ ମାନ୍ୟତା ଅନୁସାରେ କୀର୍ତ୍ତନ କରିବା ସମୟରେ ତାଳି ବଜାଇବାର ଏହି ଅର୍ଥ ହେଉଛି ଯେ, ଭକ୍ତ ଭଗବଦ୍ ନାମରେ ଏପରି ଭାବରେ ମଗ୍ନ ହୋଇଯାଏ, ଭଗବାନଙ୍କ ନାମ କୀର୍ତ୍ତନ କରି ବିହ୍ୱଳ ହୋଇସେଥିରେ ବୁଡ଼ିଯିବା, ନାମ ଧରି ଏକ ଧ୍ୟାନରେ ବୁଡ଼ିରହି ଝୁଲି ଝୁଲି ତାଳି ବଜାଇବା । ତାଳି ଧ୍ୱନୀର ତରଙ୍ଗ ପ୍ରଭୁଙ୍କୁ ଆନ୍ଦୋଳିତ କରେ, ଯେପରି ସେ ନିଜର ଭକ୍ତକୁ ରକ୍ଷାକରିବାକୁ ଏବଂ କୃପାରସ ବରଷିବା ପାଇଁ ସ୍ୱୟଂ ସେହି ସ୍ଥାନରେ ପହଞ୍ଚିଯାଆନ୍ତି ।

## ପୁରାଣ କାହାଣୀ

# ମୂଷାଙ୍କ ମନ୍ଦିର



ଭାରତର ରାଜସ୍ଥାନରେ ବିଭିନ୍ନ ପ୍ରକାର ଲୋକ ଦେଖିବାକୁ ମିଳୁଥିବା ବେଳେ ସେମାନଙ୍କର ପରମ୍ପରା ମଧ୍ୟ ଅଲଗା ପ୍ରକାରର ହୋଇଥାଏ । ଥାର ମରୁଭୂମି ନିକଟରେ ଦେଶନୋକେ ନାମକ ଏକ ଛୋଟ ସହର ରହିଛି । ଯେଉଁଠାରେ କରଣୀ ମାତା ମନ୍ଦିର ରହିଛି । ଏହି ମନ୍ଦିର ସେଠାରେ ଥିବା ଅନ୍ୟ ହିନ୍ଦୁ ମନ୍ଦିର ମଧ୍ୟରୁ ଗୋଟିଏ । କରଣୀ ମନ୍ଦିରକୁ ନେଇ ଲୋକମାନଙ୍କ ମନରେ ଅନେକ ଆଧାତ୍ମିକ ଭାବନା ରହିଛି । ମନ୍ଦିରରେ କରଣୀ ମାତାଙ୍କୁ ପୂଜା କରିବା ସହିତ ସେଠାରେ ମୂଷାମାନଙ୍କୁ ମଧ୍ୟ ପୂଜା କରାଯାଏ । ଆଶ୍ଚର୍ଯ୍ୟର କଥା ସେଠାରେ ଗୋଟିଏ ଦୁଇଟି ମୂଷା ନୁହେଁ ବରଂ ପାଖାପାଖି ୨୦ହଜାର ମୂଷା ରହନ୍ତି ସେହି ମନ୍ଦିରରେ । ସେଠାକାର ମୂଷାମାନେ କବାସ୍ ନାମରେ ପରିଚିତ। ଲୋକକଥା ଓ ପରମ୍ପରା ଅନୁସାରେ, ମୂଷାମାନଙ୍କୁ ନେଇ ଦୁଇଟି କାହାଣୀ ରହିଛି । କୁହାଯାଏ ସେଠାରେ ଜନ୍ମ ହୋଇଥିବା ସବୁ ଶିଶୁ ମୂଷା ହୋଇ ଜନ୍ମ ନେଲେ। ଦ୍ୱିତୀୟତଃ ୨୦ହଜାର ମୂଷାଙ୍କୁ ସୈନିକ ସଦୃଶ ନିୟୋଜିତ କରାଯାଇଥିଲା।

## ରୋବଟ କରେ ହୋଟେଲ କାମ




ଜାପାନରେ ଏକ ଏଭଳି ହୋଟେଲ ରହିଛି; ଯାହା ଆଜିକାଲି ଚର୍ଚ୍ଚାରେ ରହିଛି। ଏହି ହୋଟେଲର ସବୁଠାରୁ ବଡ଼ ବିଶେଷତ୍ୱ ହେଉଛି ଏଠାରେ ଜଣେ ହେଲେ କର୍ମଚାରୀ ମଣିଷ ନୁହନ୍ତି। ସମସ୍ତେ ହେଉଛନ୍ତି ରୋବଟ। ଉକ୍ତ ହୋଟେଲରେ ସମସ୍ତ କାମର ଦାୟିତ୍ୱ ରୋବଟଙ୍କ ଉପରେ ଦିଆଯାଇଛି। ହୋଟେଲକୁ ଆସୁଥିବା ଆଗନ୍ତୁକଙ୍କ ପାଇଁ ଦ୍ୱାରା ଖୋଲିବାଠାରୁ ନେଇ ବୁକିଂ କରିବା ପର୍ଯ୍ୟନ୍ତ କାମ ରୋବଟ ହିଁ ତୁଲାଇଥାନ୍ତି। 'ହେନ ନା' ହୋଟେଲରେ ପୂର୍ବରୁ କାମ କରୁଥିବା ସମସ୍ତ କର୍ମଚାରୀଙ୍କୁ ଛଟେଇ କରିଦିଆଯାଇଛି। ୭୨ କକ୍ଷ ରହିଥିବା ଏହି ଆମୋଦଦାୟକ ହୋଟେଲର ଅଭ୍ୟର୍ଥନା କକ୍ଷରେ ଯୁବତୀଙ୍କ ପୋଷାକ ପରିଧାନ କରି ଜଣେ ରୋବଟକୁ ବସାଯାଇଛି। ଏକ ଯାନ୍ତ୍ରିକ ଡାଏନୋସର ଆଗନ୍ତୁକଙ୍କୁ ସ୍ୱାଗତ କରିଥାଏ। 'ହେନ ନା' ଅର୍ଥ ଅଲୌକିକ। ଜାପାନରେ ଏହି ହୋଟେଲରେ ଗୋଟିଏ ରାତି କଟାଇବା ପାଇଁ ୭୨ ଡଲାର ଦେବାକୁ ହୋଇଥାଏ। ଆଗନ୍ତୁକଙ୍କ ଜିନିଷପତ୍ର ରୋବଟ ହିଁ ଉଠାଇଥାନ୍ତି ଏବଂ ଆଗନ୍ତୁକଙ୍କୁ ବୁକିଂ ହୋଇଥିବା କକ୍ଷ ପର୍ଯ୍ୟନ୍ତ ନେଇଯା'ନ୍ତି। ଏହି ହୋଟେଲକୁ ଚଳାଉଥିବା ହିଡିୟୋ ସୱାଡା କହିଛନ୍ତି ଯେ ରୋବଟଙ୍କ ବ୍ୟବହାର କେବଳ ଲୋକଙ୍କ ଧ୍ୟାନ ଆକର୍ଷଣ କରିବା ପାଇଁ କରାଯାଉନାହିଁ; ବରଂ ବୈଷୟିକ ଜ୍ଞାନକୌଶଳର ଭରପୂର ଫାଇଦା ଉଠାଇବା ଲାଗି କରାଯାଉଛି।

## ବାଲି ନିର୍ମିତ ହୋଟେଲ୍



ପିଲାଦିନେ ଆମେ ବାଲିରେ ଅନେକ ଘର ବନାଇ ଖେଳନ୍ତି । କିନ୍ତୁ ସେହି ଘର ସାମାନ୍ୟ ଆଘାତରେ ଭାଙ୍ଗିଯାଏ । କିନ୍ତୁ ନେଦରଲ୍ୟାଣ୍ଡର କିଛି ମୂର୍ତ୍ତି ନିର୍ମାଣକାରୀ ଏହି ବାଲି ଘରକୁ ସ୍ଥାୟୀ ବନାଇବାରେ ସଫଳ ହୋଇଛନ୍ତି ଗୋଟିଏ ହୋଟେଲ୍ ମାଧ୍ୟମରେ । ନେଦରଲ୍ୟାଣ୍ଡର ଓସ୍ ଟାଉନ୍‌ରେ ନିର୍ମାଣ କରାଯାଇଛି ଏହି ହୋଟେଲ୍ । ଏବେ କିନ୍ତୁ ସେହି ହୋଟେଲ୍‌ରେ ଗୋଟିଏ ରୁମ୍‌ର ବ୍ୟବସ୍ଥା କରାଯାଇଛି । ସେହି ରୁମ୍‌ରେ ରହିବାକୁ ହେଲେ ଆପଣଙ୍କୁ ଗୋଟିଏ ଦିନ ପାଇଁ ୧୧ହଜାରଟଙ୍କା ମୂଲ୍ୟ ଦେବାକୁ ହେବ। ହୋଟେଲ୍‌ର ମ୍ୟାନେଜର ମାଦ ବେନ୍ ଲିଓ୍ୱେନ କହନ୍ତି ନେଦରଲ୍ୟାଣ୍ଡରେ ଏଭଳି ବାଲି ତିଆରି ହୋଟେଲ୍ ବନାଇବାର ଆଇଡିଆ ତାଙ୍କୁ ଫିନ୍‌ଲ୍ୟାଣ୍ଡ ଓ ସ୍ୱୀଡେନ୍ ମିଳିଥିଲା । ସେଠାରେ ବରଫ ନିର୍ମିତ ହୋଟେଲ୍ ଦେଖିବାକୁ ମିଳେ । ସେହି ହୋଟେଲ୍ ମଧ୍ୟରେ ବରଫ ନିର୍ମିତ ବେଡ୍ ରହିଛି, ଘରମାନଙ୍କର ତାପମାତ୍ରା ୮ଡିଗ୍ରୀ ସେଲସିୟସ୍ କମ୍ ରହିଥାଏ । ଲିଓ୍ୱେନ୍ ବାଲିର ହୋଟେଲ୍ ବନାଇବା ପାଇଁ ହଜାର ଟନ୍ ବାଲି ସଂଗ୍ରହ କରିଥିଲେ । ବାଲି ଘରକୁ ସୁଦୃଢ଼ କରିବା ପାଇଁ କାଠର ଢ଼ାଞ୍ଚା ପ୍ରସ୍ତୁତ ହୋଇଥିଲା । ପରେ ବାଲିର ଛାତ, ଭୂଇଁ ଓ କାନ୍ଥ ପ୍ରସ୍ତୁତ ହୋଇଥିଲା । ହୋଟେଲରେ ଅତିଥିଙ୍କ ପାଇଁ ୱାଇଫାଇ, ଲାଇଟ୍ ଓ ପାଣିର ସୁବିଧା ରହିଛି ।

## ମିଥ୍ୟା ଅଭିମାନ ଉନ୍ନତି ପଥରେ ବାଧକ ସାଜିଥାଏ

ସଫଳତା ହାସଲ କରିବାରେ ଯେଉଁ ଖୁସି ମିଳେ ତାହା କହିହୁଏ ନାହିଁ । କିନ୍ତୁ ସେହି ଖୁସି ଯଦି ଅଧିକରୁ ଅଧିକ ହେଲା ତାହା କ୍ରନ୍ଦନରେ ପରିଣତ ହୋଇଥାଏ। ଖୁସି, ଉଲ୍ଲାସ, ଆନନ୍ଦ ହେବା ସମସ୍ତଙ୍କର ଅଧିକାର । ଏହି ଅଧିକାରରୁ କେହି ବଞ୍ଚିତ ନୁହଁନ୍ତି । ଯିଏ ଏଥିରୁ ବଞ୍ଚିତ ସେ ସର୍ବଦା ଦୁଃଖରେ କାଳାତିପାତ କରିଥାଏ ବୋଲି ଅନେକ କୁହନ୍ତି । ନିଜ ଖୁସିରେ ଖୁସି ନ ହୋଇ ଅନ୍ୟ ଖୁସିରେ ଖୁସି ହେଲେ ଆତ୍ମାକୁ ଆନନ୍ଦ ମିଳିବା ସହ ସଦା ସର୍ବଦା ପ୍ରଫୁଲ୍ଲ ହୋଇଥାନ୍ତି। ଏକଦା ୟୁରୋପ ସେନା ଯୁଦ୍ଧରେ ବିଜୟୀ ହୋଇ ୟୁରୋପ୍ ରାଜାଙ୍କ ମାନ ରଖିଲେ । ସେନାଙ୍କ ବିଜୟରେ ରାଜା ପ୍ରସନ୍ନ ହୋଇ ସେନାପତିଙ୍କ ସହ ସୈନ୍ୟଗଣଙ୍କୁ ସ୍ୱାଗତ ଲାଗି ଯୋଜନା କଲେ । ରାଜା ତାଙ୍କ ମନ୍ତ୍ରୀମାନଙ୍କୁ କହିଲେ, ସେନାପତି ରାଜ୍ୟରେ ପ୍ରବେଶ କରିବା ମାତ୍ରେ ତାଙ୍କର ଜୟଜୟକାର ହେଉ । ଏହି ଭବ୍ୟ ସମାଚାର ପାଇ ସେନାପତି ବହୁ ପ୍ରସନ୍ନ ହେଲେ । ସେ ଏତେ ପ୍ରସନ୍ନ ହୋଇଗଲେ ଯେ ତାଙ୍କ ଖୁସିର ସୀମା ଆଉ ରହିଲା ନାହିଁ ଓ ସେ ଗର୍ବ ଅନୁଭବ କଲେ । ରାଜାଙ୍କ ସ୍ୱାଗତ ଯୋଜନା ଅନୁଯାୟୀ ମନ୍ତ୍ରୀମାନେ ଚଉରୋଟି ଧଳା ଘୋଡ଼ାରେ ସେନାପତିଙ୍କୁ ଆସିନ କରାଇ ନଗରରେ ପ୍ରବେଶ କଲେ । ହଠାତ୍ ସେନାପତି ଦେଖିବାକୁ ପାଇଲେ ଆଉ ଏକ ସଜ୍ଜିତ ରଥରେ ଜଣେ ଦାସ ଆସିନ ହୋଇ ସେନାପତିଙ୍କ ରଥ ସହ ସମାନ୍ତର ଭାବେ ରାଜଧାନୀରେ ପ୍ରବେଶ କରୁଛନ୍ତି । ଏହା ଦେଖି ତାଙ୍କ ମଧ୍ୟରେ ଅହଂଭାବ ଜାଗ୍ରତ ହେଲା । ଏହି ଅହଂଭାବକୁ ଜାଣିପାରି ରାଜା ଏହି ଯୋଜନା କରିଥିଲେ । ଏହି ରଥରୁ ସେନାପତି ଜାଣିବାକୁ ପାଇଲେ ଯେ ଛୋଟରୁ ଛୋଟ ସାଧାରଣ ଦାସ ମଧ୍ୟ ତାଙ୍କ ସହ ସମାନ । ସେମାନେ ଗୌରବପୂର୍ଣ୍ଣ ପଦରେ ମଧ୍ୟ ଅଧିଷ୍ଠିତ ହୋଇପାରିବେ । ସେହି ସମୟରେ ତାଙ୍କର ବିଜୟର ଉଲ୍ଲାସ ମଉଳିଯିବା ସହ ତାଙ୍କର ଅଭିମାନ ମଧ୍ୟ ନଷ୍ଟ ହୋଇଗଲା । ମିଥ୍ୟା ଅଭିମାନ ଉନ୍ନତି ପଥର ବାଧକ ସାଜିଥାଏ ।

## ଆଜିର ଭାଗ୍ୟ

**ମେଷ** — ସେବା ମନୋଭାବ ଯୋଗୁଁ କର୍ମକ୍ଷେତ୍ରରେ ସମ୍ମାନୀୟ ବ୍ୟକ୍ତି ବିଶେଷଙ୍କଠାରୁ ସାହାଯ୍ୟ ସହଯୋଗ ପାଇବେ। ବ୍ୟବସାୟ ଓ ନିର୍ମାଣ କ୍ଷେତ୍ରରେ ସମସ୍ୟାର ସମାଧାନ ହେବ। ଶତ୍ରୁ ବୃଦ୍ଧି ହୋଇପରେ। ମହିଳାମାନେ ମାନସିକ ଚିନ୍ତାର ଶିକାର ହେବେ।

**ବୃଷ** — ନିଜ ଲୋକମାନେ ଈର୍ଷା ପରାୟଣ ହୋଇ ପରିସ୍ଥିତିକୁ ଭିନ୍ନ ରୂପ ଦେଲେ ମଧ୍ୟ ଆପଣ ନିଜର କଳା କୌଶଳ ପ୍ରୟୋଗ କରି ଜୟ ଯୁକ୍ତ ହେବେ। ଅର୍ଥ ସଂଗ୍ରହ କରିବାରେ ତତ୍ପରତା ପ୍ରକାଶ କରିବେ। ମହିଳାମାନେ ଅପମାନିତ ହୋଇପରନ୍ତି।

**ମିଥୁନ** — ସମସ୍ୟା ଉପରେ ସମସ୍ୟାର ସମାଧାନ କରି ବ୍ୟସ୍ତ ବିବ୍ରତ ହୋଇ ପଡିବେ। ସାଧାରଣ କଥାକୁ କେନ୍ଦ୍ର କରି ମନରେ ବିରକ୍ତି ଭାବ ସୃଷ୍ଟି ହୋଇପାରେ। ଆର୍ଥିକ ସ୍ୱଚ୍ଛଳତା ଓ ବନ୍ଧୁଙ୍କର ସାନ୍ନିଧ ଲାଭରୁ ଖୁସି ହେବେ।

**କର୍କଟ** — ପ୍ରତ୍ୟେକ କ୍ଷେତ୍ରରେ ସମସ୍ୟା ଆସିବାରୁ ମନ ଭାରାକ୍ରାନ୍ତ ରହିବ। ସ୍ତ୍ରୀଙ୍କ ସ୍ୱାସ୍ଥ୍ୟ ସକାଶେ ଚିନ୍ତା କରିପାରନ୍ତି। ରାଜନୀତି କ୍ଷେତ୍ରରେ ପଦ ମର୍ଯ୍ୟାଦ ବୃଦ୍ଧି ପାଇବ। ଆଗାମୀ ମାଙ୍ଗଳିକ କାର୍ଯ୍ୟ ସକାଶେ ତତ୍ପରତା ପ୍ରକାଶ ପାଇବ।

**ସିଂହ** — ପ୍ରତ୍ୟେକ କ୍ଷେତ୍ରରେ ସଫଳତା ମିଳିବ। ଦାମ୍ପତ୍ୟ ଜୀବନରେ ବୁଝାମଣା ନେଇ ତିକ୍ତତା ଦେଖା ଦେଇପାରେ। ନିର୍ମାଣ କ୍ଷେତ୍ରରେ ପ୍ରତିବନ୍ଧକ ସୃଷ୍ଟି ହୋଇପରେ। ଯେତେ ଭଲ କାମ କଲେ ମଧ୍ୟ ପ୍ରଶଂସା ବଦଳରେ ଅଭିଯୋଗ ପାଇବେ।

**କନ୍ୟା** — ପ୍ରତ୍ୟେକ କ୍ଷେତ୍ରରେ ଖର୍ଚ୍ଚାନ୍ତ ହୋଇ ଆଶା ପୂରଣ କରିବେ। କର୍ମକ୍ଷେତ୍ରରେ ସଙ୍କଟର ସମ୍ମୁଖୀନ ହେଲେ ମଧ୍ୟ କାର୍ଯ୍ୟକ୍ଷେତ୍ରରେ ସଫଳତା ହାସଲ କରିବେ। ଆନୁଷ୍ଠାନିକ କାମରେ ମହିଳାମାନେ ସମସ୍ୟାର ଦୃଢ଼ ମୁକାବିଲା କରିବେ।

**ତୁଳା** — ସ୍ତ୍ରୀଙ୍କର ପ୍ରେରଣା ଓ ସହଯୋଗରୁ ଉପକୃତ ହେବେ। କର୍ମକ୍ଷେତ୍ରରେ ଅତ୍ୟଧିକ ଖର୍ଚ୍ଚ କରିବାକୁବାଧ ହେବେ। ଆଶା କରୁଥିବା ଦିଗରୁ ଶୁଭ ଖବର ପାଇବେ। ମୋଟା ଅଙ୍କର ଅର୍ଥ ଖର୍ଚ୍ଚ କରି ସ୍ଥଗିତ କାମକୁ ତ୍ୱରାନିତ୍ୱ କରିବେ।

**ବିଛା** — ଚୁରତାର ସହ ବନ୍ଧୁଙ୍କ ମନରେ ବିଶ୍ୱାସ ଜନ୍ମାଇ କର୍ଯ୍ୟ ହାସଲ କରିବାରେ ସମର୍ଥ ହେବେ। ମାଙ୍ଗଳିକ କାର୍ଯ୍ୟ ସକାଶେ ଆଲୋଚନାରେ ବ୍ୟସ୍ତ ରହିବେ। ମନୋରଞ୍ଜନ କାର୍ଯ୍ୟକ୍ରମରେ ନିଜକୁ ନିୟୋଜିତ କରି ସାମୟିକ ଆନନ୍ଦ ପ୍ରାପ୍ତ କରିବେ।

**ଧନୁ** — ପାରିବାରିକ ଅସ୍ଥିରତା ଲାଗି ରହିଥିଲେ ମଧ୍ୟ ପ୍ରତିକୂଳ ପରିସ୍ଥିତିର ଚାପ କ୍ରମଶଃ କମ୍ ହେବ। ବନ୍ଧୁମାନଙ୍କ ଦ୍ୱାରା ସମସ୍ୟାର ସରଳ ସମାଧାନ ହେବ। ରାଜନୀତିକ ସ୍ତରରେ ଉନ୍ନତି କରିବେ। ମହିଳାମାନେ ପରିବାରର କଥାକୁ ଚିନ୍ତା କରି ଅସ୍ଥିର ହେବେ।

**ମକର** — କର୍ମକ୍ଷେତ୍ରରେ ଧୀରେ ସୁସ୍ଥେ ଗତି କରିବେ। ବ୍ୟବସାୟକୁ ଆଗକୁ ବଢ଼ାଇବା ପାଇଁ ପଦକ୍ଷେପ ଗ୍ରହଣ କରିବେ। ନିଜ ଦୋଷରୁ ନିଜ ପାଇଁ ଅସୁବିଧା ସୃଷ୍ଟି କରିବେ। ମହିଳାମାନେ ଗଠନ ମୂଳକ ପରାମର୍ଶ ପାଇ ଖୁସି ହେବେ।

**କୁମ୍ଭ** — ସନ୍ତାନମାନଙ୍କ ସ୍ୱାସ୍ଥ୍ୟ ଓ ସ୍ୱଭାବ ଯୋଗୁଁ ବିଚଳିତ ରହିବେ। ସମସ୍ୟାର ସମାଧାନ ପାଇଁ ବନ୍ଧୁଙ୍କର ସାହାଯ୍ୟ ଲୋଡିବେ। ବ୍ୟବସାୟ କ୍ଷେତ୍ରରେ ଆଶାନୁରୂପକ ଲାଭବାନ ହେବେ। ମହିଳାମାନଙ୍କର ସ୍ୱାସ୍ଥ୍ୟହାନୀ ଘଟିପାରେ।

**ମୀନ** — ଦୁଃସାହସିକ ପଦକ୍ଷେପ ନେଇ କର୍ମକ୍ଷେତ୍ରରେ ପ୍ରଶଂସିତ ହେବେ। ମଜଲିଆ କଥା କହି ବନ୍ଧୁଙ୍କୁ ଆକର୍ଷିତ କରିବେ। କେତେକ କ୍ଷେତ୍ରରେ ଚାପରୁ ସମ୍ମୁଖୀନ ହୋଇପାରନ୍ତି। ସନ୍ତାନଙ୍କ ପାଇଁ ଗୌରାବାନିତ୍ୱ ମନେ କରିବେ।

## ୩ ଫୁଟର ବର-କନ୍ୟା



କଥାରେ କୁହନ୍ତି ଯୋଡି ଭଗବାନ ବନାଇ ଥାଆନ୍ତି । ଭଗବାନ ହିଁ ପ୍ରତ୍ୟେକ ମଣିଷ ପାଇଁ ସଠିକ ଜୀବନସାଥୀ ଚୟନ କରିଥାନ୍ତି । ନିକଟରେ ମହାରାଷ୍ଟ୍ରର ଗୋଣ୍ଡାଲବା ସହରର ଛାଜେଡ ପରିବାରରେ ଏକ ବିବାହ ସମ୍ପନ୍ନ ହୋଇଛି । ବିବାହରେ ବରର ଉଚ୍ଚତା ପାଖାପାଖି ୩ ଫୁଟ ହୋଇଥିବା ବେଳେ କନ୍ୟାର ଉଚ୍ଚତା ବି ସେତିକି । ଛାଜେଡ ପରିବାରରେ ଦୁଇ ପୁଅ ଅଛନ୍ତି । ଦୁଇ ଜଣଙ୍କ ଉଚ୍ଚତା ମାତ୍ର ୩.୬ ଫୁଟ । ସେହି ପରିବାରର ସାନ ପୁଅ ଧୀରଜ ବିବାହ କରିଥିଲେ ନିକଟସ୍ଥ ଗାଁର ପୂଜା ସୁରାଣାଙ୍କୁ । ପୂଜାଙ୍କ ଉଚ୍ଚତା ୩.୨ ଫୁଟ ହେବ । ଏହା ପୂର୍ବରୁ ତାଙ୍କ ବଡ ଭାଇଙ୍କ ବିବାହ ଜଣେ ୩.୩ ଫୁଟ ଉଚ୍ଚତାର କନ୍ୟା ସହ ହୋଇଥିଲା । ଏହି ପରିବାରର ସମସ୍ତଙ୍କ ଉଚ୍ଚତା ପ୍ରାୟ ସମାନ ହୋଇଥିବାରୁ ଏହାକୁ ଭଗବାନଙ୍କ ବରଦାନ ବୋଲି କେହି କେହିଁ କୁହନ୍ତି ।

ସଂ ଗଚ୍ଛଧ୍ୱଂ ସଂ ବଦଧ୍ୱଂ ସଂ ବୋ ମନାଂସି ଜାନତାମ୍ ।
ଦେବା ଭାଗଂ ଯଥା ପୂର୍ବେ ସଂଜାନାନା ଉପାସତେ ।।
ସମାନୋ ମନ୍ତ୍ରଃ ସମିତିଃ ସମାନୀ ସମାନମ୍ ମନଃ ସହ ଚିତ୍ତମେଷାମ୍ ।
ସମାନଂ ମନ୍ତ୍ରମଭି ମନ୍ତ୍ରୟେ ବଃ ସମାନେନ ବୋ ହବିଷା ଜୁହୋମି ।।
ସମାନୀ ବ ଆକୂତିଃ ସମାନା ହୃଦୟାନି ବଃ ।
ସମାନମସ୍ତୁ ବୋ ମନୋ ଯଥା ବଃ ସୁସହାସତି ...
ଋଗ୍ ବେଦ ୧୦/୧୯୧-୨-୪




ଭୁବନେଶ୍ୱର, ୨୦୨୧, ନଭେମ୍ବର ୦୨

# ମୋ’ ରାଣ, ମୋତେ ଭଲ ପାଅ !



ଆଜ୍ଞା, ମୋ ମନଟା ବେଳେବେଳେ ବହୁତ ଦୁଃଖ ହୁଏ, ଈଶ୍ୱର କାହିଁକି ମୋତେ ପୁରୁଷ ଲୋକଟିଏ କରି ଜନ୍ମ ଦେଲେ ! ପୁରୁଷ ତ କଲେ କଲେ, ପୁଣି କାଳିଆ ଭୂଆଁ, ମାଙ୍କଡ ମୁହାଁ ପୁରୁଷଟିଏ କଲେ। ଆଗରୁ ପୁରୁଷଟିଏ ବୋଲି ମୋ’ ମନରେ ଗର୍ବ ଥିଲା। ଭାବୁଥିଲି ପୁରୁଷ ସ୍ତ୍ରୀଠାରୁ ଶ୍ରେଷ୍ଠ। ଯେଉଁଦିନଠାରୁ ମୋବାଇଲ୍‌ରେ ଫେସ୍‌ବୁକ୍ ଚଲାଇବା ଆରମ୍ଭ କଲି, ସେବେଠାରୁ ଖାଲି ଭାଗ୍ୟକୁ ଧିକ୍କାର କଲି। ଆଗରୁ ମୋର ଟିକିଏ ଖଚଡା କବି ଗୁଣ ଥିଲା, ଫେସବୁକ୍‌ରେ ଗୁଡିଏ ବଡ, ଛୋଟ, ମଝିଆଁ, ଫୁରୁସା, ପୋକା କୋବି ଦେଖି, ମୋ’ ମନବି ଟିକିଏ କୁତୁକୁତୁ ହେଲା। ମୁଁ ବି କବିତା ଲେଖି ଛାଡିବା ଆରମ୍ଭ କରିଦେଲି। କବିତା ଲେଖି ପୋଷ୍ଟ କରିଦେବା ପରେ ପରେ, ଖାଲି ଫେସ୍‌ବୁକ୍ ଦରାଣ୍ଡି ପକାଏ, କେତୋଟି ଲାଇକ୍ ଆଉ କେତୋଟି କମେଂଟ ଆସିଛି। କିନ୍ତୁ ହାୟ, ମୋତେ ମାତ୍ର ୨୦ରୁ ୨୫ଟି ଲାଇକ୍ ଆଉ ୫ରୁ ୧୦ଟି କମେଂଟରେ ସନ୍ତୁଷ୍ଟ ହେବାକୁ ପଡେ। ମାତ୍ର ମନଟି ମୋର ସେତିକିବେଳେ ବହୁତ ଦୁଃଖ ହୁଏ, ଯେତେବେଳେ ଦେଖେ, ମୋ’ଠାରୁ ବିରାଟ ବିରାଟ କବି, ଯିଏକି ବ୍ୟାସକବି, ପ୍ରକୃତିକବି, କବିସମ୍ରାଟ, ପଲ୍ଲୀକବିଙ୍କଠାରୁ ଅଧିକ ଉନ୍ନତ, ତାଙ୍କ କବିତାରେ ୮୦୦ରୁ ୯୦୦, ବେଳେବେଳେ ହଜାରରୁ ଅଧିକ କମେଂଟ ମିଳିଯାଏ ! ତାଙ୍କ ଅବୋଧ୍ୟ, ଦୁର୍ବୋଧ କବିତାଗୁଡିକ, ପଦ୍ୟ ନା ଗଦ୍ୟ ନା ପ୍ରବନ୍ଧ ମୋ’ ପରି ଛୋଟ କବିର ମୁଣ୍ଡରେ ପଶେନି। କିନ୍ତୁ ମୁଁ ଏତିକି ଠଉରେଇକି ଅନୁଭବ କରେ ସେଥିରେ ଖାଲି ପ୍ରେମର ବାଦଲଫଟା ବର୍ଷା ହୁଏ। କବିତାର ତଳେ ଓଠବାଡି (ଲିପ୍‌ଷ୍ଟିକ) ପାଉଡର ମଖା, ସଦ୍ୟ ପାର୍ଲରରୁ ଆସିଥିବା ସୁନ୍ଦରୀ କବୟତ୍ରୀଙ୍କ ଫଟୋଟି ଥାଏ। ତା’ପରେ ତ’ କିଶୋରଠାରୁ ଆରମ୍ଭ କରି ବୃଦ୍ଧ ପର୍ଯ୍ୟନ୍ତ କମେଂଟ ପରେ କମେଂଟ ଅଜାଡି ପକେଇ, କୃତ୍ୟକୃତ୍ୟ ହୋଇଯାଆନ୍ତି। କିନ୍ତୁ ବୋଧହୁଏ କବିତା



କେହି ପଢନ୍ତି ନାହିଁ ବୋଲି ମୋର ତିକ୍ତ ଅନୁଭୂତି। ଫେସ୍‌ବୁକ୍‌ରେ କେବଳ କବିତା ଗଳ୍ପ ନୁହେଁ, ବିଭିନ୍ନ ପ୍ରକାର ସମସ୍ୟା ଉପସ୍ଥାପନା କରାଯାଇ, ତାର ସମାଧାନ ଲୋଡାଯାଏ। ଥରେ ଗୋଟିଏ ଉକୁଣୀମୁଣ୍ଡି ଝିଅ, ତା’ ରୁପି ଉକୁଣୀମୁଣ୍ଡର ଫଟୋ ଛାଡି, କେମିତି ଭଲ ହେବ ବୋଲି ସମାଧାନ ଚାହିଁଥିଲା। ତା’ପରେ ହଜାର ହଜାର ସ୍ୱେଚ୍ଛାସେବୀ ବାହାରି ପଡିଲେ। କିଏ କହିଲା କିରୋସିନି ଢାଳିଦିଅ, କିଏ କହିଲା ନଣ୍ଡା ହୋଇପଡ, ଗରମ ପାଣି ଢାଳିଦିଅ, ଥାଉ ନିରୀହ ଜୀବଗୁଡାକ ବସା ଭାଙ୍ଗନି, ତୁମ ଉକୁଣୀମୁଣ୍ଡ ବହୁତ ବଢିଆ ଦେଖାଯାଉଛି ଇତ୍ୟାଦି ଇତ୍ୟାଦି ସମାଧାନ ଅଜାଡି ହୋଇପଡିଲା। ଆଉ କିଛି ହନୁମନ୍ତ ମୁହାଁ, କୋରଡ ନେତ୍ର, ଟୋପି କଟ୍ ରଙ୍ଗମଖା ବାଳକଟା ବାଲା, ମୋଟର ସାଇକେଲରେ ବସି, ସେଲ୍‌ଫି ଛାଡି ପଚାରନ୍ତି, ମୁଁ କେମିତି ଲାଗୁଛି ? କିଛି ସୂର୍ପଣଖା ହିଡିମ୍ବା ମୁଖୀ, କଜଳପାତି ବର୍ଣ୍ଣା, ମୁଖରେ ଧବଳ ଚୂର୍ଣ୍ଣ ମଖା ଓଠରେ ଓଠବାଡି ମଖା ଯୁବତୀ ଫଟୋ ଛାଡି, ଲେଖନ୍ତି ମତେ କ’ଣ ଗୋଟିଏ କମେଂଟ ମିଳିବନି ? ମୋ’ ରାଣ ମୋତେ ଭଲପାଅ ! ତା’ପରେ ତ’ କୁଆପଥର ବର୍ଷା ଭଳିଆ କମେଂଟ ଗଦା ହୋଇପଡେ। ଆଉକିଛି ମୁଖ ପୁସ୍ତିକା ବନ୍ଧୁଙ୍କର, ଯାହାର ଲେଖାଲେଖି ଦେଖାଦେଖିର ଦକ୍ଷତା ନାହିଁ, ସେମାନେ ସକାଳୁ ସକାଳୁ ହନୁମନ୍ତ, ଶିବ, ଦୁର୍ଗା, ସାଇବାବା, ଗୁଡ୍ ମର୍ଣ୍ଣିଙ୍ଗ ଶୁଭ ପ୍ରଥମାଷ୍ଟମୀ, ଶୁଭ ରାକ୍ଷୀ ପୂର୍ଣ୍ଣିମା, ନଚେତ୍ କାହାର ନୀତିବାଣୀ ଲେଖାକୁ ଫରୱାର୍ଡ କରିବାରେ ଲାଗି ପଡନ୍ତି। ବାଦଲରେ ସାଇବାବା, ଗଛ ଗଣ୍ଡିରେ ମହାଦେବ ଚିତ୍ରକୁ ପଠାଇ, ଏହାକୁ ୨୦ଜଣଙ୍କୁ ପଠାଇଲେ କାଲି ସକାଳୁ ଲକ୍ଷେ ଟଙ୍କା ପାଇବ ନପଠାଇଲେ ବହୁତ କିଛି କ୍ଷତି ହେବ ବୋଲି ଜଣାନ୍ତି। କିଛି ଶିକ୍ଷିତ ସଚେତନ ଲୋକ ମଧ୍ୟ ରାତାରାତି ବଡଲୋକ ହୋଇଯିବା ଆଶାରେ ୨୦ ଜଣ, ୪୦ ଜଣଙ୍କ ପାଖକୁ ପଠାଇଦିଅନ୍ତି। କିଛି କବିବନ୍ଧୁ ତାଙ୍କ ପୋଷ୍ଟରେ ବେଶୀ ଲାଇକ୍ କମେଂଟ ନମିଳିବାରୁ ଅଭିମାନରେ ବନ୍ଧୁ କାଟିଦେବାର ପ୍ରସ୍ତାବ ମଧ୍ୟ ରଖୁଛନ୍ତି। ଆମେ ବୁଝିବା ଦରକାର, ଆମ ଲେଖା କେତେ ଉଚ୍ଚକୋଟୀର ଏବଂ କେଉଁ ପ୍ରକାର ପାଠକଙ୍କ ପାଇଁ ଉଦ୍ଦିଷ୍ଟ। ନିଜ ଲେଖାତ ନିଜକୁ ନିଶ୍ଚୟ ଭଲ ଲାଗିବ। ମୁଁ ଜଣେ ପ୍ରେମ କବିତା ଲେଖକ, ମୁଁ ଫଗୁଣ, ମଳୟ, ଚନ୍ଦ୍ରମା, ମଧୁ, ପୁଷ୍ପ, ତୁମେ, ପ୍ରିୟା ଉପରେ କବିତା ଛାଡିଲେ, ତାହା ଜଣେ ବାସ୍ତବବାଦୀ ବା ଜୀବନର ଶେଷ ପାହାଚରେ ପାଦ ଦେଇଥିବା ବ୍ୟକ୍ତିକୁ କ’ଣ ଭଲ ଲାଗିବ ? ଜୀବନର ଅପରାହ୍ଣରେ ଥିବା କବି ମାୟା, ଆତ୍ମା ପରମାତ୍ମା, ମୁକ୍ତି ଶ୍ମଶାନ କଥା ଲେଖିଲେ, ରଙ୍ଗୀନ ସ୍ୱପ୍ନ ଦେଖି ପ୍ରେମ ବନ୍ୟାରେ ଉବୁଟୁବୁ ହେଉଥିବା ଯୁବକ କ’ଣ ସେଥିରେ ଲାଇକ୍ କମେଂଟ ଦେବ ? ତେଣୁ ମୋ’ ରାଣ ମୋତେ ଭଲ ପାଅ ନୀତି ଛାଡି, ଯେତିକି ମିଳୁଛି ସେତିକିରେ ସନ୍ତୁଷ୍ଟ ହେବାକୁ ପଡିବ। ଆଉ କିଛି ବ୍ୟକ୍ତି, ଏ ଯେଉଁ ଫେସବୁକ୍‌ରେ ତେଲୁଣି ପୋକ ପରି କବି ବୃଦ୍ଧି ଅବଲୋକନ କରି, ଆଉ ନିଜକୁ ସମ୍ଭାଳି ପାରୁନାହାନ୍ତି, ସେମାନେ ଏ କବିର କବିତାରୁ ଦୁଇଧାଡି, ସେ କବିର କବିତାରୁ ଦୁଇଧାଡି ଆଣି, ସବୁ ଯୋଡିଯାଡି, ରାତାରାତି ହୋଇଗଲେ କବି। ତା’ ପରେ ପରେ ଆତ୍ମଘୋଷିତ ଉପାଧି ଯଥା- ରସାଳ କବି, ବ୍ୟଙ୍ଗ କବି, କୁତୁକୁତୁ କବି, ବିଛୁଆତି କବି, କବି ମଞ୍ଜୁଳ ଇତ୍ୟାଦି ନିଜ ନାମ ପଛରେ ଯୋଡି, ଲାଗି ପଡିବେ ପଇସା ଦେଇ ସମ୍ବର୍ଦ୍ଧିତ ହେବାକୁ। କିଛି ବନ୍ଧୁଙ୍କ ପୋଷ୍ଟରେ ଯଦି ଦୈବାତ୍ ନକାରାତ୍ମକ ମତାମତ ଆସିଗଲା, ତେବେ ସେମାନେ ଦୁର୍ବାସାଠାରୁ ଅଧିକ ଭୟଙ୍କର ହୋଇ, ପାଠକମାନଙ୍କୁ, ଏଇ ସୋସିଆଲ ମେଡିଆ ମାଧ୍ୟମରେ ମଧ୍ୟ, ଅଶ୍ରାବ୍ୟ ଅଶାଳୀନ ମନ୍ତବ୍ୟ ଦେବାକୁ ଦ୍ୱିଧା ପ୍ରକାଶ କରୁନାହାନ୍ତି। ସାଧାରଣତଃ ସାରସ୍ୱତ ସାଧକମାନେ ନମ୍ର ଓ ସହନଶୀଳ ହେବା ଉଚିତ୍। ସୋସିଆଲ ମେଡିଆରେ ସବୁପ୍ରକାର ମତାମତକୁ ଧୈର୍ଯ୍ୟର ସହିତ ଗ୍ରହଣ କରିବାକୁ ହେବ। ତେଣୁ ଆପଣମାନେ କ’ଣ କହୁଛନ୍ତି କୁହନ୍ତୁ ନା ? ଇଏ ଗୋଟାଏ ମନୋରଞ୍ଜନ। କେହି ଦେହକୁ ନ ନେବାକୁ ଅନୁରୋଧ।

**ପ୍ରଦୀପ୍ତ ଆଚାର୍ଯ୍ୟ**, ଅବସରପ୍ରାପ୍ତ ପ୍ରଧାନଶିକ୍ଷକ,
ଇଶାଣୀବ୍ରହ୍ମପୁର, କଟକ। ମୋ-୬୩୭୧୫୯୩୨୨୦

## ଆଜିର ଅନୁଚିନ୍ତା

ଭାଗ୍ୟରେ ଥିଲେ ପିତାମାତା ଓ ଗୁରୁଙ୍କଠାରୁ ଗାଳି ଶୁଣିବାକୁ ମିଳେ ।

ପାଠକୀୟ ମତାମତ ଓ ପରାମର୍ଶ ‘ପର୍ଯ୍ୟବେକ୍ଷକ’ ସମ୍ପାଦକଙ୍କ ପାଇଁ ବେଶ୍ ମହତ୍ତ୍ୱପୂର୍ଣ୍ଣ। ତା’ ବ୍ୟତୀତ ଆପଣଙ୍କ ଅଞ୍ଚଳର ବିକାଶ କ୍ଷେତ୍ରରେ ଥିବା ସମସ୍ୟା, ଆପଣମାନଙ୍କ ଅଭିଯୋଗ, ଆଶଙ୍କା ଓ ଉଦ୍‌ବେଗ ଆଦି ବିଷୟରେ ଜାଣିବାକୁ ଆମେ ଉଦ୍‌ଗ୍ରୀବ। ଇ-ମେଲ୍ କିମ୍ବା ଫାକ୍ସ ଜରିଆରେ ଆପଣମାନେ ସିଧାସଳଖ ସମ୍ପାଦକଙ୍କ ସହ ଯୋଗାଯୋଗ କରିପାରିବେ।
E-mail: editorpbkc@gmail.com
9853400829 (M), Fax: 0674-2550504

# ମୋଟା ସମ୍ବିଧାନ ଛୋଟା ଗଣତନ୍ତ୍ର

ମାୟାଧର ନାୟକ

ଆମ ସମ୍ବିଧାନରେ ଲେଖାଅଛି – ଜାତି ଧର୍ମ ବର୍ଣ୍ଣ ନିର୍ବିଶେଷରେ ଭାରତ ଏକ ସାର୍ବଭୌମ ଗଣତାନ୍ତ୍ରିକ ରାଷ୍ଟ୍ର । ଆମ ରାଜନେତାମାନେ କେହି ସମ୍ବିଧାନକୁ ମାନୁନାହାଁନ୍ତି – ସେମାନେ ଜାତି ନାଁରେ ଧର୍ମ ନାଁରେ ବର୍ଣ୍ଣ, ଆଂଚଳିକତା ନାଁରେ ରାଜନୀତି କରୁଛନ୍ତି । ଆମ ସମ୍ବିଧାନ ଯେତେ ଚାଲିଛି ମୋଟା ହୋଇ – ଗଣତନ୍ତ୍ର ସେତେ ଗଡୁଛି ଛୋଟା ହୋଇ ।

ସ୍ୱାଧୀନତା ସଂଗ୍ରାମ ସମୟରେ ଯେଉଁମାନେ ଏକ ସୁନ୍ଦର ସମୃଦ୍ଧ ଭାରତବର୍ଷର ସ୍ୱର୍ଣ୍ଣାଭ ସ୍ୱପ୍ନ ଦେଖିଥିଲେ, ଏକ ଅନନ୍ୟ ଭବିଷ୍ୟତର ରଙ୍ଗୀନ ଆଲେଖ୍ୟ ଆଙ୍କିଥିଲେ, କଳ୍ପନା କରିଥିଲେ, ଏକ ମୁକ୍ତ ମହାନ ରାଷ୍ଟ୍ରଭୂମିର – ସେମାନଙ୍କର ସେ ଆଶା ମିଳେଇ ଯାଇଛି ପାଣି ଫୋଟକା ପରି । ଭାଙ୍ଗିଯାଇଛି ଭରସାର ବତୀଘର ସବୁ । ଆଜି ଦୁର୍ନୀତିର ଦଂଶନରେ ଭାରତବର୍ଷ ଜର୍ଜରିତ – ଜାଲିଆତିର ଜାଲରେ ଜନଗଣ ଛଟପଟ – ସମ୍ପୂର୍ଣ୍ଣ ଅଣଃନିଶ୍ୱାସୀ ।

କିନ୍ତୁ... ଭାରତବର୍ଷ ନୁହେଁ, ଗୋଟାଏ ବିକଳ ଭଗ୍ନସ୍ତୁପ - ଏ ଦେଶ ! ପାଣି ପବନରେ ବିଷ । ପରିବେଶରେ ପାଉଁଶ । ସବୁଠି ଅଙ୍ଗାର । ସବୁଠି ଅନ୍ଧାର । ଅତୀତକୁ ନେଇ ଅନ୍ତଃହୀନ ଆସ୍ଫାଳନ, ଅଥଚ ଏ ଦେଶର ବର୍ତ୍ତମାନଟା କି ବିକୃତ, କି ବିଭତ୍ସ କି ବିକଳାଙ୍ଗ ! ବିଶାଳ ବିରୋଧାଭାସଟାଏ ଏ ଦେଶ... ଯାହାକୁ ଆମେ ଭାରତବର୍ଷ କହିଲେ ଉପହାସ କରିବ ଇତିହାସ – ଲଜ୍ଜା ଆଉ ସଂକୋଚରେ ମୁହଁ ଘୋଡେଇବେ ଆମ ପୂର୍ବପୁରୁଷ ।

ଆଜିର ନାୟକହୀନ ରାଜନୀତି ଉତ୍କଟ ଉପଦଂଶ ପରି ଆକ୍ରାନ୍ତ କରିସାରିଛି ଆମର ଏ ଦୁର୍ଭାଗା ଦେଶକୁ । ନେତୃତ୍ୱର ସଂକଟ ସହିତ ମୂଲ୍ୟବୋଧର ମୃତ୍ୟୁ ଆଜି ଭାରତୀୟ ରାଜନୀତିକୁ ପରିଣତ କରିଛି କେବଳ- କଂସେଇମାନଙ୍କ କାରଖାନାରେ । ସେଥିପାଇଁ ବର୍ତ୍ତମାନର ରାଜନୀତି କ୍ଷେତ୍ରରେ ଶୋଷକବର୍ଗ ହିଁ ସାଜିଛନ୍ତି ଶାସକଶ୍ରେଣୀ ! ଦୁର୍ବୃତମାନେ ହିଁ ପାଲଟିଛନ୍ତି ଦ୍ୱାରପାଳ ! ମାଫିଆ ହୋଇଛି ମୁଖିଆ । ଗୁଣ୍ଡା ବନିଛି ପଣ୍ଡା – ମେଣ୍ଢା ପାଲିଟିଛି ଭେଣ୍ଡା – ଜିରୋ ହୋଇଛି ହିରୋ ।

ଘାତକମାନଙ୍କ ଆଖିରେ ଲୋତକ ଦେଖି ଭୂଆଁ ବୁଲୁଚି ଭାରତୀୟ ଜନତା ସ୍ୱର୍ଣ୍ଣ କଙ୍କଣଧାରୀ ବୃଦ୍ଧ ବ୍ୟାଘ୍ରର ବିଜ୍ଞପ୍ତି ବୈରାଗ୍ୟରେ ପ୍ରତାରିତ ହେଉଛି ଆଜିର ପ୍ରଲୁବ୍ଧ ଯୁବପିଢି । ଚଂଚକ ରାଜନୈତିକ ଚରିତ୍ର ଚଳୁ କରିବାକୁ ବସିଛି ତମାମ ଦେଶକୁ । ରାଜନୈତିକ ଦୁର୍ନୀତି ଓ ଭ୍ରଷ୍ଟାଚାର ସହିତ ଅର୍ଥନୈତିକ ଶୋଷଣର ଗଢିଉଠିଛି ଗୋଟାଏ ଗୋପନ ସମ୍ପର୍କ । ଭିନ୍ନ ଭିନ୍ନ ନାମ ଓ ଦଳର ଗୋଟାଏ ଦୋକାନଦାରୀ ପାଲଟି ଯାଇଛି ସାମ୍ପ୍ରତିକ ଭ୍ରଷ୍ଟ ରାଜନୀତି । ଏକ ନାଉର ମଞ୍ଜି ସବୁ ନିଜ ନିଜ ପାଇଁ ଦଖଲ କରି ନେଇଛନ୍ତି ଭିନ୍ନ ଭିନ୍ନ କିଆରି ! ଜନସ୍ୱାର୍ଥ ନୁହେଁ ଆତ୍ମସ୍ୱାର୍ଥ ଓ ନ୍ୟସ୍ତସ୍ୱାର୍ଥ ହୋଇଉଠିଛି ସେମାନଙ୍କର ଏକମାତ୍ର ଆଭିମୁଖ୍ୟ । ସେଥିପାଇଁ ଆଜି ନେତାମୁଣ୍ଡରେ ଟୋପି, ଜନତାମଥାରେ ଥୋପି । ନେତାର ଚାଲିଛି – ବିଧାନସଭା, ରାଜ୍ୟସଭା, ଲୋକସଭା – ଜନତାର କେବଳ ଶୋକସଭା । ମୁଖପାତ୍ର ସାଜିଥିବା ମହାପାତ୍ରମାନେ ଦିନ ଦ୍ୱିପହରରେ ସବୁକିଛି ଲୁଟି ଚୁରିମାରି ନେଉଥିବା ବେଳେ ଶୂନ୍ୟ ଦୃଷ୍ଟିରେ ଆଁ କରି ଅନେଇଛି ଜଳକା ଜନତା ।

ଆଜି ମନ୍ଦିର-ମସଜିଦ୍‌କୁ ନେଇ ଝଗଡା ! ଧର୍ମ-ବିଧର୍ମକୁ ନେଇ ବିବାଦ । ସୀମା-ସନ୍ତ୍ରାସକୁ ନେଇ ତୁମ୍ଭି ତୋଫାନ୍ । ରାଷ୍ଟ୍ର, ଧର୍ମ, ପତାକା, ଜାତୀୟତା ଇତ୍ୟାଦିକୁ ଆଳ କରି ସାରା ପୃଥିବୀରେ ସମ୍ପ୍ରତି ପୁଞ୍ଜିବାଦ ତା’ର ଚକ୍ରାନ୍ତରେ ଚମତ୍କାରିତା ପ୍ରଦର୍ଶନ କରିଚାଲିଛି । ମାଟିଠୁ ମଣିଷକୁ ଅଲଗା କରି ଦିଆଯାଉଛି । ଲକ୍ଷ୍ୟଠୁ ଲୋଚନାକୁ ଦୂରେଇ ରଖାଯାଉଛି, ସ୍ୱପ୍ନକୁ ସଂକଳ୍ପକୁ ହଟାଇ ନିଆଯାଉଛି । ସବୁ ସ୍ତରରେ ଲେଲିହାନ୍ ଲୋଳଜିହ୍ୱା ବିସ୍ତାର କରି ଚାଲିଛି ଅତିଷ୍ଠ ଅସନ୍ତୋଷର ଅଗ୍ନିଶିଖା । ଅଥଚ ଗଦିରେ ଘୁମେଇ ଗାଦିରେ ବସିଥିବା ଆଜିର ଶାସକଶ୍ରେଣୀ, ଖଟରେ ଶୋଇ ମଠରେ ମାମଲାତି କରୁଥିବା ଯାଜକବୃନ୍ଦ, କୁର୍ସିରେ ବସି ଆର୍ସି ଆଗରେ ଚେହେରା ସଜଉଥିବା ପ୍ରଶାସକ ବର୍ଗ ସମକାଳୀନ ସମାଜର ଏ ଉତ୍କଟ ଅସୁସ୍ଥତା ପ୍ରତି ଏକାନ୍ତ ଉଦାସୀନ ।

ଆମେ ଲୁଟେରାମାନଙ୍କ ହାତମୁଠାରେ ଲଟେରୀ ଟିକେଟ୍‌ଟାଏ କରି ବଢେଇ ଦେଇଛୁ ଆମର ଏ ପ୍ରିୟ ଭାରତବର୍ଷକୁ । କଂସେଇମାନଙ୍କୁ କରିଛୁ କର୍ଣ୍ଣଧାର । ପଲ୍ଲୀରୁ ଦିଲ୍ଲୀ ପର୍ଯ୍ୟନ୍ତ - କ୍ଷୁଧିତ ରାଜନୀତି ବିସ୍ତାର କରି ସାରିଛି ତାର ଭୟଙ୍କର ଫଣା । ଜଘନ୍ୟ ଜନଜହ୍ଲାଦମାନଙ୍କ ପ୍ରଚଣ୍ଡ ଫୁତ୍‌କାର ଭିତରେ ମିଳେଇ ଯାଉଛି ପ୍ରବଂଚିତ ଜନଗଣଙ୍କ ଛିନ୍ନଭିନ୍ନ ଚିତ୍କାର ! ବାପ ଯାଉଛି ଦାଦନକୁ, ମା’ ଗୋଟୋଉଛି ଗୋବର, ପିଲାବିକ୍ରି ହେଉଛି ବିଚ୍ ବଜାରରେ ! ଅଥଚ ମୋଟା ସମ୍ବିଧାନର ବୋଝ ମୁଣ୍ଡେଇ ଛୋଟା ଗଣତନ୍ତ୍ର ବାଟସାରା କେବଳ ବାଂଟିଚାଲିଛି ଫମ୍ପା ପ୍ରତିଶ୍ରୁତିର ପାମ୍ପରା ପାମ୍ପଲେଟ୍ ।

ଏ ଦେଶର କିଏ କଲା ଏଭଳି ଦଶା ? ଏ ଦେଶକୁ କିଏ କଲା ଏଭଳି ଦୁର୍ଭାଗା ? ରକ୍ତବିନ୍ଦୁର ବିନିମୟରେ ଆମେ ହାସଲ କରିଥିଲୁ ଯେଉଁ ହକ୍, ସ୍ୱାଧୀନତା, ତା’ର ପରିଣତି କ’ଣ ଏଇ ? ଦୁଇଶ’ ବର୍ଷ ବିଦେଶୀ ପାଖରେ ଗୋଲାମୀ କଲୁ, ୭୫ ବର୍ଷ ଦେଶୀ ଶୋଷକ-ଶାସକ ପାଖରେ ବନ୍ଧା ପକାଇଲୁ ଆପଣାର, ଭାଗ୍ୟ ଭବିତବ୍ୟ । ଦୁଇଶ’ ବର୍ଷର ଦାସତ୍ୱକୁ କିନ୍ତୁ ବଳିଗଲା ଏଇ ୭୫ ବର୍ଷର ପ୍ରତାରଣା । ନକଲି ନେତୃତ୍ୱ ଏବଂ ଶଠ ଶେଠମାନଙ୍କର ଚତୁର ଚକ୍ରବ୍ୟୂହ ମଧ୍ୟରେ ବଂଚିବାର ବାଟ ଭୁଲିଗଲା ଭାରତର ଜନତା ।

ହାଣ ମୁହଁକୁ ମୁହାଇଁ ଚାଲିଥିବା ଆମର ଏ ଯୁଗ ଯୁଗର ଐତିହ୍ୟମୟ ଦେଶ ଓ ସମାଜ ଜୀବନକୁ କ’ଣ ଧ୍ୱଂସ ହେବାପାଇଁ ଆମେ ଛାଡିଦେବା ? ଗୋଟାଏ କୁରୁକ୍ଷେତ୍ରରେ ଦିନେ ନିଶ୍ଚିହ୍ନ ହୋଇଯାଇଥିଲା ମହାଭାରତ ! ଆଜି ଆମ ସାମ୍ନାରେ ଶହ ଶହ କୁରୁକ୍ଷେତ୍ର... ଆମର ଏ ମହାନ୍ ଭାରତକୁ କ’ଣ ଆମେ ଆଜି ବଳି ପକାଇଦେବା ତା’ ଭିତରେ ?

ବର୍ତ୍ତମାନର ଭସ୍ମୀଭୂତ ଭାରତବର୍ଷ ଓ ସଂତ୍ରସ୍ତ ସମାଜ ବ୍ୟବସ୍ଥା ପାଇଁ ପରିତ୍ରାଣର ପନ୍ଥା ଖୋଜା ଚାଲିଛି ବିଭିନ୍ନ ସ୍ତରରେ । ଭସ୍ମସ୍ତୂପ ମଧ୍ୟରୁ ଭବିଷ୍ୟତକୁ ଉଦ୍ଧାର କରିବା ଏବଂ ଭଗ୍ନସ୍ତୂପ ମଧ୍ୟରୁ ଜନଜୀବନକୁ ରକ୍ଷା କରିବା ନିମନ୍ତେ ଆଜି ଯେଉଁ ଅଙ୍ଗୀକାରବଦ୍ଧ ଆନ୍ଦୋଳନ ଓ ଗଣସଂଗ୍ରାମର ଏକାନ୍ତ ପ୍ରୟୋଜନ, ସେଥିନିମନ୍ତେ ଆମ ସମସ୍ତଙ୍କର ସମ୍ମିଳିତ ସଂକଳ୍ପ ଅପରିହାର୍ଯ୍ୟ ।

ଆଜି ସମୟ ଆସିଛି, ଆମକୁ ବାଛି ନେବାକୁ ପଡିବ ଆମର ଗତି କେଉଁ ଦିଗକୁ - ପଛକୁ ନା ଆଗକୁ । ଏବେ ଆରମ୍ଭ ହେଉ ଆଉ ଏକ ଆଜାଦୀର ଅଭିଯାନ, ଆଉ ଏକ ଅଦମ୍ୟ ସଂଗ୍ରାମର ଅତନ୍ଦ୍ର ଅଭିଯାତ୍ରା ପ୍ରବଂଚିତ ଭାରତବର୍ଷର ଚିର ଉପେକ୍ଷିତ ଭୂମି ଏହି ଦୁଃଖିନୀ ଓଡିଶା ବୁକୁରେ ହିଁ ସୁରୁହେଉ ଏହି ଗୁରୁଦାୟିତ୍ୱ ନିର୍ବାହର ଆଦ୍ୟ ଅଙ୍ଗିକାର । ଭବିଷ୍ୟତର ମହାମୁକ୍ତି ସଂଗ୍ରାମର ପ୍ରକୃତ କୁରୁକ୍ଷେତ୍ର ହେଉ ଆମର ଏ ଅବହେଳିତ ଭୂମି । ଦାରିଦ୍ର୍ୟ, ଦୁଃସ୍ଥିତି, ଦୁର୍ନୀତି, ଭ୍ରଷ୍ଟାଚାର, ଅପସଂସ୍କୃତି, ଗୁଣ୍ଡାଗର୍ଦ୍ଦୀ– ସବୁକିଛି ବିଡମ୍ବନା ବିରୋଧରେ ଯୁଦ୍ଧ ଘୋଷଣା କରୁ ଓଡିଶାର ତପ୍ତ ତାରୁଣ୍ୟ ! ବାର୍ଦ୍ଧକ୍ୟ ବୈରାଗ୍ୟ ଓ ବ୍ୟାଧିମୁକ୍ତ ଭାରତବର୍ଷ ପାଇଁ ଏଇଠୁ ହିଁ ଆରମ୍ଭ ହେଉ ତରୁଣ ଓଡିଶାର ଉତ୍ସର୍ଗୀକୃତ ଅଗ୍ନିତପସ୍ୟା । ଆମକୁ ଆଜି ଶିରସ୍ତ୍ରାଣ ପିନ୍ଧି ହାତରେ ଧରିବାକୁ ପଡିବ ଗଣସଂଗ୍ରାମର ଅମୋଘ ଅସ୍ତ୍ର । ସତ୍ ମନର ସ୍ୱପ୍ନ ଯଦି ସଂକଳ୍ପରେ ପରିଣତ ହୁଏ, ତେବେ ନିଶ୍ଚିତ ଭାବରେ ସାର୍ଥକ ହେବ ଆମର ଆଗାମୀ ସମାଜର ସର୍ଜନା ଓ ସଂରଚନା ।

-ଯାଜପୁର ରୋଡ, ଯାଜପୁର
ମୋ : ୯୮୬୧୦୩୪୧୬୩



ଏ ଦେଶର କିଏ କଲା ଏଭଳି ଦଶା ? ଏ ଦେଶକୁ କିଏ କଲା ଏଭଳି ଦୁର୍ଭାଗା ? ରକ୍ତବିନ୍ଦୁର ବିନିମୟରେ ଆମେ ହାସଲ କରିଥିଲୁ ଯେଉଁ ହକ୍, ସ୍ୱାଧୀନତା, ତା’ର ପରିଣତି କ’ଣ ଏଇ ? ଦୁଇଶ’ ବର୍ଷ ବିଦେଶୀ ପାଖରେ ଗୋଲାମୀ କଲୁ, ୭୫ ବର୍ଷ ଦେଶୀ ଶୋଷକ-ଶାସକ ପାଖରେ ବନ୍ଧା ପକାଇଲୁ ଆପଣାର, ଭାଗ୍ୟ ଭବିତବ୍ୟ । ଦୁଇଶ’ ବର୍ଷର ଦାସତ୍ୱକୁ କିନ୍ତୁ ବଳିଗଲା ଏଇ ୭୫ ବର୍ଷର ପ୍ରତାରଣା । ନକଲି ନେତୃତ୍ୱ ଏବଂ ଶଠ ଶେଠମାନଙ୍କର ଚତୁର ଚକ୍ରବ୍ୟୂହ ମଧ୍ୟରେ ବଂଚିବାର ବାଟ ଭୁଲିଗଲା ଭାରତର ଜନତା । ହାଣ ମୁହଁକୁ ମୁହାଇଁ ଚାଲିଥିବା ଆମର ଏ ଯୁଗ ଯୁଗର ଐତିହ୍ୟମୟ ଦେଶ ଓ ସମାଜ ଜୀବନକୁ କ’ଣ ଧ୍ୱଂସ ହେବାପାଇଁ ଆମେ ଛାଡିଦେବା ? ଗୋଟାଏ କୁରୁକ୍ଷେତ୍ରରେ ଦିନେ ନିଶ୍ଚିହ୍ନ ହୋଇଯାଇଥିଲା ମହାଭାରତ ! ଆଜି ଆମ ସାମ୍ନାରେ ଶହ ଶହ କୁରୁକ୍ଷେତ୍ର... ଆମର ଏ ମହାନ୍ ଭାରତକୁ କ’ଣ ଆମେ ଆଜି ବଳି ପକାଇଦେବା ତା’ ଭିତରେ ?

# ଅମରନାଥ ଶକ୍ତିପୀଠ



ପୂଣ୍ୟଭୂମି ଭାରତ ବର୍ଷରେ କୋଟି କୋଟି ଦେବୀ ଦେବତା, ଦେବ ପୀଠ ଓ ଶକ୍ତିପୀଠ ମାନ ରହିଛି। ହିନ୍ଦୁ ଶାସ୍ତ୍ର ଅନୁଯାୟୀ ଭାରତୀୟ ଉପମହାଦେଶରେ ୪ଟି ଆଦିଶକ୍ତି ପୀଠ, ୧୮ଟି ମହାଶକ୍ତି ପୀଠ ଓ ୫୧ଟି ଶକ୍ତିପୀଠ ରହିଛି। ଆଦିଶକ୍ତି ପୀଠ ହେଲେ, (୧) ପୁରୀ ଶ୍ରୀମନ୍ଦିରରେ ପୂଜିତା ମା’ ବିମଳା (ପାଦଖଣ୍ଡ), (୨) ଗଞ୍ଜାମ ଜିଲ୍ଲା ବ୍ରହ୍ମପୁର ସହର ନିକଟସ୍ଥ ଋଷିକୂଲ୍ୟା ନଦୀ ଉପକଣ୍ଠରେ କୁମାରୀ ପାହାଡ଼ ଉପରେ ବିରାଜିତ ମା’ତାରା ତାରିଣୀ(ସ୍ତନଖଣ୍ଡ), ୩) ଆସାମର ଗୌହାଟୀ ସ୍ଥିତ କାମାକ୍ଷା ଦେବୀ(ଜୋନିଖଣ୍ଡ) ଓ ୪) କୋଲକତାର ଦକ୍ଷିଣ କାଳୀ(ମୁଖଖଣ୍ଡ)। ତେବେ ୫୧ଟି ଶକ୍ତିପୀଠ ମଧ୍ୟରେ କାଶ୍ମୀରର ମହାମାୟା ଶକ୍ତିପୀଠ(ଅମରନାଥ) ଅନ୍ୟତମ। ଏହା ଅତ୍ୟନ୍ତ ପବିତ୍ର ତୀର୍ଥ ସ୍ଥାନ ଭାବରେ ପରିଚିତ। ଭାରତୀୟ ଉପ-ମହାଦେଶରେ ଏହି ପୀଠର ମହାନତା ରହିଛି। ହିନ୍ଦୁ ଧର୍ମର ପୁରାଣ ଅନୁଯାୟୀ ଯେଉଁ ସ୍ଥାନ ଗୁଡ଼ିକରେ ଦେବୀ ସତୀଙ୍କ ଅଙ୍ଗର ବିଭିନ୍ନ ଅଂଶ, ବସ୍ତ୍ର ଓ



ଆଭୁଷଣ ମାନ ବିଂଚି ହୋଇ ପଡ଼ିଥିଲା, ସେଗୁଡ଼ିକ ଶକ୍ତିପୀଠ ଭାବରେ ପରିଚିତ ହେଲେ।

କାଶ୍ମୀରରେ ଅମରନାଥଙ୍କ ପବିତ୍ର ଗୁମ୍ଫାରେ ଭଗବାନ ଶିବଙ୍କ ହିମ-ଜ୍ୟୋତିର୍ଲିଙ୍ଗ ସାରା ଭାରତରେ ପ୍ରସିଦ୍ଧ। ଏଠାରେ ହିମ-ଶକ୍ତିପୀଠ ମଧ୍ୟ ରହିଛି। ଆହୁରି ମଧ୍ୟ ଏଠାରେ ଏକ ଗଣେଷ ପୀଠ ଓ ଏକ ପାର୍ବତୀ ପୀଠ ବରଫ୍ ରେ ନିର୍ମିତ ହୋଇଛି। ଏଠାକାର ପାର୍ବତୀ ପୀଠ ହିଁ ଶକ୍ତିପୀଠ ସ୍ଥଳ। ଶ୍ରାବଣ ମାସ ଶୁକ୍ଳ ପୂର୍ଣ୍ଣିମାରେ ଅମରନାଥଙ୍କ ଦର୍ଶନ ସହିତ ପାର୍ବତୀ ଶକ୍ତିପୀଠ ମଧ୍ୟ ଭକ୍ତ ମାନଙ୍କ ଦ୍ୱାରା ଦର୍ଶନ କରାଯାଏ। ଏଠାରେ ମା’ସତୀଙ୍କ ଅଙ୍ଗ ଓ ଅଙ୍ଗ ଭୂଷଣର ପୂଜା କରାଯାଏ। କାରଣ ଏଠାରେ ମାତା ସତୀଙ୍କ ବେକ ଖଣ୍ଡ ପଡ଼ିଥିଲା। ଏଠାରେ ଶକ୍ତି ମହାମାୟା ତଥା ଭୈରବ ‘ତ୍ରିସନ୍ଧେଶ୍ୱର’ ଅଟନ୍ତି।

ଜାମ୍ମୁ କାଶ୍ମୀର ରାଜ୍ୟରେ ଅବସ୍ଥିତ ଅମରନାଥ ଖୁବ୍ ପବିତ୍ର ତୀର୍ଥସ୍ଥଳୀ। ଅମରନାଥ ଧାମ ବିଶ୍ୱ ପ୍ରସିଦ୍ଧ ବର୍ଫାନୀ ଶିବ ଲିଙ୍ଗ ସହିତ ମହାମାୟା ଶକ୍ତିପୀଠ ମଧ୍ୟ ଭକ୍ତ ଓ ଶ୍ରଦ୍ଧାଳୁଙ୍କ ପାଇଁ ଦର୍ଶନୀୟ। ଏହି ସ୍ଥାନରେ ଭଗବାନ ଶିବ ନିଜ ପତ୍ନୀ ପାର୍ବତୀଙ୍କୁ ଅମର ହେବାର ଜ୍ଞାନ ଦେଇଥିଲେ। ଏହି ମନ୍ଦିର ମଧ୍ୟ ଅମରନାଥଙ୍କ ପବିତ୍ର ଗୁମ୍ଫାରେ ଅବସ୍ଥିତ। ଏଠାରେ ଶିବ ଭୈରବଙ୍କୁ ‘ତ୍ରିସନ୍ଧେଶ୍ୱର’ଙ୍କ ନାମରେ ପୂଜା କରାଯାଏ। ଅମରନାଥଙ୍କ ଏହି ପବିତ୍ର ଗୁମ୍ଫାରେ, ଯେଉଁଠି ଭଗବାନ ଶିବଙ୍କ ହିମ ଲିଙ୍ଗର ଦର୍ଶନ ହୋଇଥାଏ, ସେଠାରେ ହିଁ ହିମ ନିର୍ମିତ ପାର୍ବତୀ ପୀଠ ରହିଛି। ଏହି ପାର୍ବତୀ ପୀଠ ମହାମାୟା ଶକ୍ତିପୀଠ ଭାବେ ପରିଚିତ।

ଅମରନାଥ ଶକ୍ତିପୀଠ କାଶ୍ମୀରର ଶ୍ରୀନଗରଠାରୁ ୧୪୧ କି.ମି.ଦୂର ୧୨୭୦୦ ଫୁଟ୍ ଉଚ୍ଚରେ ଅବସ୍ଥିତ। ଅମରନାଥ ଯାତ୍ରା ଭାରି କଷ୍ଟଦାୟକ ଅମରନାଥ ଗୁମ୍ଫା ପର୍ଯ୍ୟନ୍ତ ଯିବା ପାଇଁ ୨ଟି ବାଟ ରହିଛି। ପ୍ରଥମ: ଶ୍ରୀନଗର ଠାରୁ ୭୦ କି.ମି. ଦୂର ବଲତଲ୍, ଯାହା ପାଦରେ ଚଲା ଯାଇପାରେ। କିନ୍ତୁ ଏହି ରାସ୍ତା ଭାରି ଭୟଙ୍କର। କାରଣ ବର୍ଷାର ବିପଦ ରହିଛି। ଦ୍ୱିତୀୟ: ପହଲଗାମ୍ ରୁ ଯାତ୍ରା ଆରମ୍ଭ ହୁଏ। ଯାହା ଚନ୍ଦନବାଡ଼ି, ଶେଷନାଗ, ପଂଚତରଣୀ ହୋଇ ଯିବାକୁ ପଡ଼େ। ଏହା ବଲତଲ୍ ରାସ୍ତା ଠାରୁ ବହୁତ ଭଲ ଓ ଚନ୍ଦେବାଡ଼ି ଠାରୁ ୧୬ କି.ମି.ଦୂରରେ ପବିତ୍ର ଅମରନାଥ ଗୁମ୍ଫା ଆସିଥାଏ। ଅଧିକାଂଶ ଯାତ୍ରୀ ଏହି ରାସ୍ତାକୁ ପସନ୍ଦ କରନ୍ତି। ଜାମ୍ମୁ ଠାରୁ ପହଲଗାମ୍ ପର୍ଯ୍ୟନ୍ତ ୧୨ ଘଂଟାର ବସ୍ ଯାତ୍ରା ପରେ ପହଲଗାମ୍‌ରେ ରାତ୍ରି ବିଶ୍ରାମ କରି ପୁଣି ଯାତ୍ରା ଆରମ୍ଭ ହୁଏ। ପ୍ରଥମ ବିଶ୍ରାମ ୧୪ କି.ମି. ଦୂର ଚନ୍ଦନବାଡ଼ୀରେ ହୋଇଥାଏ। ଏହି ବାଟକୁ ପାଦରେ କିମ୍ବା ମିନି ବସ୍‌ରେ ଅତିକ୍ରମ କରିବାକୁ ପଡ଼େ। ୯୫୦୦ ଫୁଟ୍ ଉଚ୍ଚତାରେ ଅବସ୍ଥିତ ଚନ୍ଦନବାଡ଼ୀରେ ଭାରି ଥଣ୍ଡା ଥଣ୍ଡା ପବନ ଦେହକୁ ଶୀତେଇ ଦିଏ। ଏଠାରେ ଯାତ୍ରା ପାଇଁ ଛଡ଼(ବାଡ଼ି) କିଣିବାକୁ ହୁଏ। କାରଣ ଏଠାରୁ ପଦଯାତ୍ରା ଆରମ୍ଭ ହୁଏ। ପ୍ରାୟ ୩୨ କି.ମି.ସିଧା ଉପରକୁ ଉଠାଣୀ ରାସ୍ତା ହୋଇଥିବାରୁ ବହୁ କଷ୍ଟ ଲାଗିଥାଏ। ପ୍ରତିବର୍ଷ ସ୍ଥାନୀୟ ସରକାର ଶିବ ଭକ୍ତ ମାନଙ୍କ ପାଇଁ ଅମରନାଥ ଯାତ୍ରାର ବ୍ୟବସ୍ଥା



କରିଥାନ୍ତି। ଏଠାରେ ଅମରନାଥ ଯାତ୍ରା ମୁଖ୍ୟତଃ ପ୍ରତିବର୍ଷ ଜୁନ୍ ରୁ ଅଗଷ୍ଟ ପର୍ଯ୍ୟନ୍ତ ପାଳନ ହୋଇଥାଏ। ଏହି ଗୁମ୍ଫାରେ ଭକ୍ତମାନଙ୍କୁ ପ୍ରସାଦ ଆକାରରେ ବିଭୂତି ଦିଆଯାଏ। ଏହି ଗୁମ୍ଫା କେବଳ ଅଳ୍ପଦିନ ପାଇଁ ଆଷାଢ ମାସରୁ ଶ୍ରାବଣ ପୂର୍ଣ୍ଣିମା ପର୍ଯ୍ୟନ୍ତ ହିଁ ଖୋଲା ରୁହେ।

ପଥୁରିଆ ରାସ୍ତାରେ ପ୍ରାୟ ୩-୪ ଘଂଟାରେ ୩ କି.ମି.ଦୂର ଯାତ୍ରା କରି ୧୧୫୦୦ ଫୁଟ ଉଚ୍ଚତାରେ “ପିସୁ ଟାପୁ”ରେ ପହଂଚି ଟିକେ ବିଶ୍ରାମ କରିବାକୁ ପଡ଼େ। ଏହାପରେ ‘ଶେଷନାଗ’ ଅର୍ଥାତ୍ ଦ୍ୱିତୀୟ ଆଶ୍ରୟସ୍ଥଳୀ ଆଡ଼େ ଯିବାକୁ ପଡ଼େ। ରାସ୍ତାରେ ଜୋଝିପାଲ୍ ଓ ନାଗାକୋଟୀରେ ଅଳ୍ପ ସମୟ ବିଶ୍ରାମ କରି ୧୨୫୦୦ ଫୁଟ୍ ଉଚ୍ଚତାରେ(ଚନ୍ଦନବାଡ଼ୀ)ରୁ ୧୪ କି.ମି. ଦୂର ଶେଷନାଗରେ ପହଂଚିବାକୁ ହୁଏ। ଚତୁର୍ଦ୍ଦିଗରେ ଉଚ୍ଚ ଉଚ୍ଚ ପାହାଡ଼ ଘେରା ଏକ ବିଶାଳ



ହ୍ରଦ ରହିଛି, ଯାହାର ଗଭୀରତା ଅନୁମାନ କରିବା କଷ୍ଟକର। ଏହି ସ୍ଥାନକୁ ଶେଷନାଗଙ୍କ ବାସ ସ୍ଥାନ ବୋଲି କୁହାଯାଏ। ଶେଷନାଗ ବେଳେ ବେଳେ ଭକ୍ତ ମାନଙ୍କୁ ଦର୍ଶନ ଦେଉଥିବା କୁହାଯାଏ। ଏଠାରେ ଥିବା ଟେଂଟ ହାଉସରେ ବିଶ୍ରାମର ସୁବିଧା ସହିତ ଅହରହ ଅନ୍ନଛତ୍ରର ବ୍ୟବସ୍ଥା ରହିଛି। ସୀମା ସୁରକ୍ଷା ବାହିନୀର ଟେଂଟ ହାଉସ୍‌ରେ ଜରୁରୀ କାଳୀନ ଚିକିତ୍ସା ସୁବିଧା ମଧ୍ୟ ଉପଲବ୍ଧ ରହିଛି। ପର ଦିନ ୧୩ କି.ମି. ଦୂରର ପଂଚତରଣୀ (ତୃତୀୟ ବିଶ୍ରାମ ସ୍ଥଳୀ) ଦିଗକୁ ଯାତ୍ରା ଆରମ୍ଭ ହୋଇଥାଏ। ଏହା ଅତି କଠିନ ରାସ୍ତା। ଏବେ ୧୪୮୦୦ ଫୁଟ୍ ଉପରକୁ ଯାତ୍ରା। ଏଠାରେ ପ୍ରବଳ ଥଣ୍ଡା ହାୱା ବଢିଯାଏ। ଅଳ୍ପ ସମୟ ବିଶ୍ରାମ କରି ଏଠାରୁ ପଂଚତରଣ ପାଇଁ ତଳକୁ ଓହ୍ଲାଇବାକୁ ପଡ଼େ। ରାସ୍ତାରେ ରାବିବାଲ୍ ତଥା ପୋଶପୟରୀ ବାଟ ଦେଇ ତୃତୀୟ ଆଶ୍ରୟସ୍ଥଳ ପଂଚତରଣରେ ବିଶ୍ରାମ ଓ ଅଟକିବାକୁ ହୁଏ। ଏଠାରେ ମଧ୍ୟ ଚିକିତ୍ସା ସୁବିଧା,ବିଶ୍ରାମ ତଥା ଅନ୍ନଛତ୍ରର ସଂପୂର୍ଣ୍ଣ ବ୍ୟବସ୍ଥା ରହିଛି। ଏଠାରୁ ଅମରନାଥ ଗୁମ୍ଫାର ଦୂରତା ମାତ୍ର ୭କି.ମି.। ଏହି ଗୁମ୍ଫା ୧୩୬୦୦ ଫୁଟ୍ ଉଚ୍ଚରେ ଅବସ୍ଥିତ। ଏହି ଯାତ୍ରାରେ କିଛି ଲୋକେ ଘୋଡ଼ାରେ ମଧ୍ୟ ଯାଆନ୍ତି, ମାତ୍ର ଏହି ବ୍ୟବସ୍ଥା ପୂର୍ବରୁ କରିବାକୁ ପଡ଼େ। ଦର୍ଶନ ପୂର୍ବରୁ ଅମରାବତୀ ଝରଣାରେ ସ୍ନାନ କରିବାକୁ ପଡ଼େ। ଅମରନାଥ ଗୁମ୍ଫା ପ୍ରାୟ ୬୦ ଫୁଟ୍ ଲମ୍ବା ଓ ୨୬ ଫୁଟ୍ ଓସାର। ଏହାର ଉଚ୍ଚତା ୧୫ ଫୁଟ୍।

**ଶରତ କୁମାର ରାଉତ**
ଭୁବନେଶ୍ୱର, ମୋ: ୯୩୩୭୩୬୯୪୮




# କରୋନା ସଂକ୍ରମଣ ରୋକିବା ଲାଗି ବାୟୋମେଡିକାଲ୍ ବର୍ଜ୍ୟବସ୍ତୁର ପରିଚାଳନା ଉପରେ ଜାତିସଂଘର ସଂସ୍ଥା "ୟୁନିଡୋ'ର ଗୁରୁତ୍ୱ

ଭୁବନେଶ୍ୱର: କରୋନା ସଂକ୍ରମଣକୁ ରୋକିବାକୁ ହେଲେ ବାୟୋ ମେଡିକାଲ୍ ବର୍ଜ୍ୟବସ୍ତୁର ସଠିକ୍ ପରିଚାଳନା କରିବା ଜରୁରୀ। ଏହା ଉପରେ ଗମ୍ଭୀରତାର ସହ ବିଚାର କରି ଗୁରୁତ୍ୱ ଦେବାକୁ ପଡ଼ିବ ବୋଲି ୟୁନାଇଟେଡ୍ ନେସନ୍ସ ଇଣ୍ଡଷ୍ଟ୍ରିଆଲ୍ ଡେଭେଲପ୍‌ମେଂଟ୍ ଅର୍ଗାନାଇଜେସନ୍ (ୟୁନିଡୋ)ର ପ୍ରତିନିଧି ଡକ୍ଟର ରେନେ ଭାନ୍ ବର୍କେଲ୍ କହିଛନ୍ତି। ଅଣ ଲାଭଦାୟକ ସଂସ୍ଥା କମ୍ୟୁନେଟି ପକ୍ଷରୁ ରମୈୟାହ ମେଡିକାଲ୍ କଲେଜ ଓ ୟୁନିଡୋ ଭାରତ ସହଯୋଗରେ ଆୟୋଜନ କରାଯାଇଥିବା ଏକ ୱେବିନାରରେ ଅଂଶଗ୍ରହଣ କରି ସେ କହିଛନ୍ତି ଯେ ପୂର୍ବାପେକ୍ଷା ଆମକୁ ବାୟୋ ମେଡିକାଲ୍‌ର ବର୍ଜ୍ୟ ପରିଚାଳନା ଉପରେ ଅଧିକ ଗୁରୁତ୍ୱ ଦେବାକୁ ପଡ଼ିବ। ଏହା ଦ୍ୱାରା ହିଁ କରୋନା ସଂକ୍ରମଣକୁ ରୋକାଯାଇପରିବ। ଭାରତର ପାଂଚଟି ରାଜ୍ୟ କର୍ଣ୍ଣାଟକ, ପଂଜାବ, ଓଡ଼ିଶା, ମହାରାଷ୍ଟ୍ର ଓ ଗୁଜରାଟର ୧୬୦ରୁ ଅଧିକ ହସ୍ପିଟାଲ୍‌ରେ ମେଡିକାଲ୍ ବର୍ଜ୍ୟର ପରିଚାଳନା କରିବା ଲାଗି ପରିବେଶ ମିତବ୍ୟୟୀ ପଦ୍ଧତି ଓ ବ୍ୟବସ୍ଥା ବିକଶିତ କରିବା ଏବଂ କାର୍ଯ୍ୟକାରୀ କରିବା ଉପରେ ୟୁନିଡୋ କାର୍ଯ୍ୟ କରୁଛି। କୋଭିଡ୍-୧୯ ସଂକ୍ରମଣ ପରଠାରୁ ଏହି ପଦକ୍ଷେପ ଗ୍ରହଣ କରାଯିବା ଯୋଗୁଁ କୋଭିଡ୍-୧୯ ସଂକ୍ରମଣକୁ ସମ୍ପୂର୍ଣ୍ଣ ରୋକାଯାଇପାରିଛି। ପରାମର୍ଶ ଭିତିକ ଭିଡିଓ, ପେସାଦାର ତାଲିମ, ବିକାଶ ଏବଂ ସ୍ୱତନ୍ତ୍ର କୋଭିଡ୍-୧୯ ଭିତିକ ନିୟମ ପ୍ରଣୟନ, ବର୍ଜ୍ୟବସ୍ତୁ ପରିଚାଳନା କରୁଥିବା ଯୋଗାଣକାରୀଙ୍କୁ ଚିହ୍ନଟ ଓ ପ୍ରସାର ଆଦି ଜରିଆରେ ବର୍ଜ୍ୟବସ୍ତୁକୁ ନିୟନ୍ତ୍ରଣରେ ରଖାଯାଇଥିବା ବେଳେ ତାହାର ପୃଥକୀକରଣ କରିବା ପାଇଁ ବିବିଧ ବ୍ୟବସ୍ଥା ଗ୍ରହଣ କରାଯାଇଛି। ବାରାଣାସୀର ସ୍ୱଚ୍ଛତା କର୍ମୀ ତେମସୁତୁଲା ଇମସଙ୍ଗ ଏହି ୱେବିନାରରେ ଅଂଶଗ୍ରହଣ କରି ଗୋଷ୍ଠୀ ସହଯୋଗିତା ଜରିଆରେ ବାରାଣାସୀ ଘାଟର ସଫେଇ ଅନୁଭୂତି ବର୍ଣ୍ଣନା କରିଥିଲେ। ଜୈବ ମେଡିକାଲ୍ ବର୍ଜ୍ୟ ପରିଚାଳନାରେ ହସ୍ପିଟାଲ୍‌ଗୁଡ଼ିକ କିଭଳି ପ୍ରମୁଖ ଭୂମିକା ଗ୍ରହଣ କରିପାରିବେ ତାହା ସେ ଜଣାଇଥିଲେ। ଏହି ୱେବିନାରରେ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡଗୁଡ଼ିକର ପ୍ରତିନିଧି ଅଂଶଗ୍ରହଣ କରି ନିଜ ଅନୁଭୂତି ବର୍ଣ୍ଣନା କରିଥିଲେ।

# ଦର ବୃଦ୍ଧିକୁ ପ୍ରତିବାଦ କରି କେନ୍ଦ୍ର ସରକାରଙ୍କ ବିରୁଦ୍ଧରେ ବିଜୁ ଜନତା ଦଳର ହାଲାବୋଲା ଓ ଗଣଧାରଣା

ଆନନ୍ଦପୁର,(ପି.ଏନ):କେନ୍ଦ୍ର ସରକାରଙ୍କ ଦର ବୃଦ୍ଧିରେ ସାଧାରଣ ଜନତା ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଲେଣି। ଏହାକୁ ପ୍ରତିବାଦ କରି ବିଜୁ ଜନତା ଦଳ ପକ୍ଷରୁ ଘଷିପୁରା ନିର୍ବାଚନ ମଣ୍ଡଳୀର ବିଧାୟକ ତଥା ପୂର୍ବତନ ମନ୍ତ୍ରୀଙ୍କ ପୁଅ ଯୁବନେତା ଦେବାଶିଷ ପାତ୍ରଙ୍କ ନେତୃତ୍ୱରେ କେନ୍ଦ୍ର ସରକାରଙ୍କ ଦରଦାମ ବୃଦ୍ଧିକୁ କେନ୍ଦ୍ର କରି ଘଷିପୁରା ଅଂଚଳର ଯୁବକ ଓ ଯୁବତୀ ମାନଙ୍କ ଦ୍ୱାରା ଏକ ପଦଯାତ୍ରାର ଆୟୋଜନ କରାଯାଇଥିଲା। ଏହା ଘଷିପୁରା ବସ୍‌ଷ୍ଟାଣ୍ଡ ଠାରୁ ଆରମ୍ଭ କରାଯାଇ ଘଷିପୁରା ବ୍ଲକ ଛକ ଠାରେ ଶେଷ କରାଯିବା ସହ ବ୍ଲକ ସମ୍ମୁଖରେ ଗଣଧାରଣା ଦିଆଯାଇଥିଲା। ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ରାଜ୍ୟପାଳଙ୍କୁ ସ୍ମାରକପତ୍ର ପ୍ରଦାନ ନିମନ୍ତେ ଘଷିପୁରା ବିଡିଓ ଆଶିଷ ପଟ୍ଟନାୟକଙ୍କୁ ଏକ ସ୍ମାରକପତ୍ର ଦିଆଯାଇଥିଲା। ରନ୍ଧନ ଗ୍ୟାସର ଅହେତୁକ ଦରବୃଦ୍ଧି ଏବଂ ଅତ୍ୟାବଶ୍ୟକ ସାମଗ୍ରୀର ଆକାଶ ଛୁଆଁ ଦର ବିରୁଦ୍ଧରେ ବିଜେଡି ଏଭଳି ଢଙ୍ଗରେ ହାଲାବୋଲା ସହ ଗଣଧାରଣା କରିଛି। ସିଧାସଳଖ ନିସାନାରେ କେନ୍ଦ୍ର ସରକାର ତୁରନ୍ତ ଦରଦାମ ନିୟନ୍ତ୍ରଣ କର ନହେଲେ ଆନ୍ଦୋଳନ ପଲ୍ଲୀରୁ ଦିଲ୍ଲୀକୁ ବ୍ୟାପିବ ବୋଲି ଚେତାବନୀ ଦେଇଥିଲେ ଘଷିପୁରା ନିର୍ବାଚନ ମଣ୍ଡଳୀର ବିଜେଡି ନେତାମାନେ। ଆଜିଠୁ କେନ୍ଦ୍ର ସରକାରଙ୍କ ବିରୁଦ୍ଧରେ ଆରମ୍ଭ ହୋଇଛି ବିଜୁ ଜନତା ଦଳର ଗର୍ଜନ। ଆଜି ଘଷିପୁରା ବ୍ଲକ ସମ୍ମୁଖରେ ଗଣଧାରଣା ଦିଆଯିବା ସହ ପ୍ରତିବାଦ ସଭା ଆୟୋଜିତ ହୋଇଥିଲା। ଏଥିରେ ବରିଷ୍ଠ ନେତାଙ୍କ ସମେତ ମହିଳା, ଯୁବକ ଓ ଛାତ୍ର ସଂଗଠନର ଶତାଧିକ କର୍ମକର୍ତ୍ତା ସାମିଲ ହୋଇ କେନ୍ଦ୍ର ସରକାରଙ୍କ ଉପରେ ବର୍ଷି ଥିଲେ। ଏହାସହ ମହିଳାମାନେ ମୁଣ୍ଡରେ ଗ୍ୟାସ୍ ସିଲିଣ୍ଡର ରଖି ପ୍ରତିଦାବ ଜଣାଇଥିଲେ।

# ସାମସଙ୍ଗ ଇଣ୍ଡିଆର ସବୁଠାରୁ ବଡ଼ ପାର୍ବଣ ଅଫର ରିୱାର୍ଡ଼ ଇୟୋରସେଲ୍ଫର ଶୁଭାରମ୍ଭ

ଭୁବନେଶ୍ୱର: ଭାରତର ଅଗ୍ରଣୀ ଇଲେକ୍ଟ୍ରୋନିକ୍ସ ଏବଂ ସ୍ମାର୍ଟଫୋନ୍ ବ୍ରାଣ୍ଡ, ସାମସଙ୍ଗ ପକ୍ଷରୁ ଚଳିତ ପାର୍ବଣକୁ ଆହୁରି ଅଧିକ ଆକର୍ଷଣୀୟ କରିବା ପାଇଁ 'ରିୱାର୍ଡ଼ ଇୟୋରସେଲ୍ଫ' ଅଭିଯାନର ଶୁଭାରମ୍ଭ କରାଯାଇଛି। 'ରିୱାର୍ଡ଼ ଇୟୋରସେଲ୍ଫ' ଅଭିଯାନ ସହିତ, ଗ୍ରାହକମାନେ ଏଚଡ଼ିଏଫସି କ୍ରେଡ଼ିଟ କାର୍ଡ଼ ଏବଂ ଡ଼େବିଟ କାର୍ଡ଼ ଏବଂ ଏସବିଆଇ କ୍ରେଡ଼ିଟ କାର୍ଡ଼ ଉପରେ ୧୦% କ୍ୟାଶବ୍ୟାକ ପାଇବା ସହିତ ଆକର୍ଷଣୀୟ ବଣ୍ଡଲ ଅଫର ଏବଂ ସାମସଙ୍ଗର ବିସ୍ତୃତ ସ୍ମାର୍ଟଫୋନ୍ ଶୃଙ୍ଖଳ, ଓୟେରେବୁଲସ ଏବଂ ଟାବଲେଟ ଇତ୍ୟାଦି ପାଇବାର ସୁବିଧା ରହିଛି। ଏହି ପରିପ୍ରେକ୍ଷୀରେ ସାମସଙ୍ଗ ଇଣ୍ଡିଆର ମୋବାଇଲ ବିଜନେସର, ବରିଷ୍ଠ ଉପାଧ୍ୟକ୍ଷ, ଶ୍ରୀ ମୋହନଦୀପ୍ ସିଂ କହିଛନ୍ତି ଯେ, "ପାର୍ବଣ ସମୟରେ ଆମର ଗ୍ରାହକ ମାନଙ୍କ ଉତ୍ସାହକୁ ଆହୁରି ବୃଦ୍ଧି କରିବା ପାଇଁ, ଆମ୍ଭେମାନେ ଆମର ଅଫର ଗୁଡ଼ିକରେ କ୍ୟାଶବ୍ୟାକ, ସର୍ବନିମ୍ନ ମାସିକ କିସ୍ତି ଏବଂ ଅନ୍ୟ ଆକର୍ଷଣୀୟ ଯୋଜନାମାନ ନେଇଆସିଛୁ।" ସାମସଙ୍ଗର 'ରିୱାର୍ଡ଼ ଇୟୋରସେଲ୍ଫ' ଅଭିଯାନ ଅନେକ ଗୁଡ଼ିଏ ସ୍ମାର୍ଟଫୋନ୍, ଟାବଲେଟ ଏବଂ ଓୟାରବୁଲସ ଉପରେ ଉପଲବ୍ଧ ଥିବାବେଳେ, ଏହି ପାର୍ବଣ ସମୟରେ ଗାଲାକ୍ସି ଡ଼ିଭାଇସ କ୍ରୟ କରୁଥିବା ପ୍ରତ୍ୟେକ ଗ୍ରାହକଙ୍କ ପାଇଁ ସୁନିଶ୍ଚିତ ପୁରସ୍କାର ନେଇଆସିଛି। ଏହି ଅଫରରେ ୪୯୯୯ ଟଙ୍କାରୁ ୧୦୪୯୯୯ଟଙ୍କା ମଧ୍ୟରେ ରହିଥିବା କେତେକ ବଛାବଛା ସ୍ମାର୍ଟଫୋନ୍, ଟାବଲେଟ ଏବଂ ଓୟେରେବୁଲସ ଉପରେ ଏଚଡ଼ିଏଫସି ବ୍ୟାଙ୍କ କାର୍ଡ଼ରେ ୧୦% କ୍ୟାଶବ୍ୟାକ ସୁବିଧା ରହିଛି। ଏହି ଅଫର ଅକ୍ଟୋବର ୧୫ ରୁ ଅକ୍ଟୋବର ୨୭, ୨୦୨୦ ପର୍ଯ୍ୟନ୍ତ ବୈଧ। ୪୯୯୯ଟଙ୍କାରୁ ୪୭୯୯୯ଟଙ୍କାର ସମସ୍ତ ଗାଲାକ୍ସି ସ୍ମାର୍ଟଫୋନ୍ ଏବଂ ବଛାବଛା ଟାବଲେଟ ଏବଂ ଓୟେରବୁଲସରେ ଏସବିଆଇ କ୍ରେଡ଼ିଟ କାର୍ଡ଼ରେ ୧୦% କ୍ୟାଶବ୍ୟାକ ଉପଲବ୍ଧ। ଏହି ଅଫର ଅକ୍ଟୋବର ୨୮ ରୁ ନଭେମ୍ବର ୧୭, ୨୦୨୦ ପର୍ଯ୍ୟନ୍ତ ବୈଧ।ଗାଲାକ୍ସି ନୋଟ ୨୦ କ୍ରୟ କରୁଥିବା ଗ୍ରାହକମାନେ ତୁରନ୍ତ ୧୦,୦୦୦ ଟଙ୍କାର କ୍ୟାଶବ୍ୟାକ ପାଇପାରିବେ। ଏହି ଅଫର ଅକ୍ଟୋବର ୧୬ ରୁ ଅକ୍ଟୋବର ୨୫, ୨୦୨୦ ପର୍ଯ୍ୟନ୍ତ ବୈଧ। ଗାଲାକ୍ସି ଏ ସିରିଜ ଏବଂ ସମସ୍ତ ଫ୍ଲାଗସିପ୍ ଡ଼ିଭାଇସ ଉପରେ ଗ୍ରାହକମାନେ ନୋ କଷ୍ଟ୍ ଇଏମଆଇ ସହିତ ଜିରୋ ଡ଼ାଉନପେମେଂଟ ସୁବିଧା ପାଇପାରିବେ। ଗ୍ରାହକମାନେ ୧୩,୦୦୦ ଟଙ୍କା ପର୍ଯ୍ୟନ୍ତର ଅପଗ୍ରେଡ଼ ବୋନସ ପାଇପାରିବା ସହିତ ଚଳିତବର୍ଷ ଅକ୍ଟୋବର ୧୬ ରୁ ଅକ୍ଟୋବର ୨୫ ପର୍ଯ୍ୟନ୍ତ ଗାଲାକ୍ସି ନୋଟ୨୦ ଅଲଟ୍ରା କ୍ରୟରେ ୭୦୦୦ ଟଙ୍କା ମୂଲ୍ୟର ସାମସଙ୍ଗ ଭାଉଚର ପାଇପାରିବେ। ଗ୍ରାହକମାନେ ଏହି ଭଳି ଆହୁରି ଅନେକ ଆକର୍ଷଣୀୟ ଅଫରକୁ ଉପଭୋଗ କରିପାରିବେ। ଏହି ପାର୍ବଣ ଅଫରଗୁଡ଼ିକ ଅଗ୍ରଣୀ ରିଟେଲ ଷ୍ଟୋର ଏବଂ ସାମସଙ୍ଗ ଡ଼ଟ କମରେ କ୍ରୟ ଉପରେ ଉପଲବ୍ଧ।

# ସାନୀ ଇଣ୍ଡିଆ ପକ୍ଷରୁ ମହାମାରୀ ସଙ୍କଟରେ ନୂଆ ଉଦାହରଣ ସୃଷ୍ଟି କରାଯାଇଛି

ଭୁବନେଶ୍ୱର: ନିର୍ମାଣ ଯନ୍ତ୍ରାଂଶ, ହେଭି ଯନ୍ତ୍ରାଂଶ କ୍ଷେତ୍ରରେ ବିଭିନ୍ନ ଉତ୍ପାଦ ଉପଲବ୍ଧ କରାଉଥିବା ସାନୀ ଇଣ୍ଡିଆ ପକ୍ଷରୁ ମହାମାରୀ ସଙ୍କଟ ସମୟରେ ଏକ ନୂଆ ଉଦାହରଣ ସୃଷ୍ଟି କରାଯାଇଛି। କମ୍ପାନୀ ପକ୍ଷରୁ ଏହାର ସମସ୍ତ ୩୫ ଡିଲରଙ୍କୁ ସାମ୍ପ୍ରତିକ ଆହ୍ୱାନମୂଳକ ସମୟରେ ବହୁବିଧ ଆବଶ୍ୟକ ସହାୟତା ଯୋଗାଇ ଦିଆଯାଇଛି। କ୍ରେଡ଼ିଟ୍ ସମୟସୀମାକୁ କମ୍ପାନୀ ପକ୍ଷରୁ ବର୍ଦ୍ଧିତ କରାଯାଇଛି। ଏହି ସୁବିଧା ସମସ୍ତ ନିର୍ମାଣ ଯନ୍ତ୍ରାଂଶ ଏବଂ ସ୍ପେୟାର ପାର୍ଟସ୍ ପାଇଁ ଉପଲବ୍ଧ ହେଉଛି। ସେହିପରି ଗ୍ରାହକଙ୍କ ୱାରେଣ୍ଟି ସମୟକୁ ମଧ୍ୟ ବଢ଼ାଇ ଦିଆଯାଇଛି। କମ୍ପାନୀରେ କାର୍ଯ୍ୟ କରୁଥିବା ୧୧୦୦ରୁ ଅଧିକ କର୍ମଚାରୀଙ୍କୁ ଦରମା ସହାୟତା ମଧ୍ୟ ଯୋଗାଇ ଦିଆଯାଇଛି। ଭାରତ ଏବଂ ଦକ୍ଷିଣ ଏସିଆରେ ଥିବା ଏହାର ପେ ରୋଲ୍ କର୍ମଚାରୀଙ୍କ ପାଇଁ ଏହି ସୁବିଧା ଲାଗୁ ହୋଇଛି। ଡିଲରଙ୍କୁ ଯୋଗାଇ ଦିଆଯାଇଥିବା ସହାୟତା ଯୋଗୁ ୩ ପ୍ରକାର ଲାଭ ମିଳି ପାରିଛି। ଡିଲରମାନେ ସେମାନଙ୍କର ମାନବସମ୍ବଳର ଉପଯୋଗ କରିପାରିଛନ୍ତି। ସେହିପରି ବ୍ୟବସାୟିକ ଧାରାକୁ ବଜାୟ ରଖିବା ସହିତ ବଜାର ଖୋଲିବା ପରେ ପୁଣି ସୁବିଧାରେ କାରବାର ଆରମ୍ଭ କରିପାରିଛନ୍ତି। ଏହି ଯୋଜନାବଦ୍ଧ ରଣନୀତି ଦ୍ୱାରା କମ୍ପାନୀ ୨୦୧୯ ତୁଳନାରେ ଲକ୍‌ଡାଉନ୍ ହଟିବା ପରେ ଗତ ୨ମାସ ଅଗଷ୍ଟ ଏବଂ ସେପ୍ଟେମ୍ବର ମଧ୍ୟରେ ବ୍ୟବସାୟ ବୃଦ୍ଧିରେ ଅଗ୍ରଗତି କରିପାରିଛି। କମ୍ପାନୀର ଏକ୍ସାଭେଟର ମାର୍କେଟ ଶେୟାର ୧୪.୫ ପ୍ରତିଶତରେ ପହଂଚିଛି। ଏହାର ଅଭିବୃଦ୍ଧି ହାର ୧୫ ପ୍ରତିଶତ ରହିଛି। ସେହିପରି କ୍ରାୱଲ କ୍ରେନ୍‌ର ମାର୍କେଟ ଶେୟାର ୪୫ ପ୍ରତିଶତ ଥିବାବେଳେ ଏହାର ଅଭିବୃଦ୍ଧି ହାର ୮୦ ପ୍ରତିଶତ ରହିଛି। ଟ୍ରକ୍ କେନ୍‌ର ମାର୍କେଟ ଶେୟାର ୭୦ ପ୍ରତିଶତ ଥିବାବେଳେ ଏହାର ବୃଦ୍ଧି ହାର ୧୦ ପ୍ରତିଶତ ଛୁଇଁଛି। ପିଲିଂ ରିଙ୍ଗ୍‌ର ମାର୍କେଟଶେୟାର ୭୫ ପ୍ରତିଶତ ଥିବାବେଳେ ଏହାର ବୃଦ୍ଧି ହାର ୨୪ ପ୍ରତିଶତ ରହିଛି। ମୋଟୋର ଗ୍ରେଡ୍‌ର ମାର୍କେଟ ଶେୟାର ୧୧ ପ୍ରତିଶତ ଥିବାବେଳେ ଏହା ଅଭିବୃଦ୍ଧି ହାର ୧୦ ପ୍ରତିଶତ ରହିଛି। ସାନୀ ଇଣ୍ଡିଆ ଡିଲରମାନଙ୍କୁ ସବୁବେଳେ ଏହାର କାରବାର ବୃଦ୍ଧି ପାଇଁ ଗୁରୁତ୍ୱପୂର୍ଣ୍ଣ ଅଙ୍ଗ ଭାବେ ବିବେଚନା କରିଥାଏ। କମ୍ପାନୀର ପଦକ୍ଷେପ ଯୋଗୁ ଡିଲରମାନଙ୍କୁ ଆବଶ୍ୟକ ଆର୍ଥିକ ସହାୟତା ମିଳିପାରିଛି। ଏହି ଅବସରରେ ସାନୀ ଗ୍ରୁପ୍‌ର ଭାରତ ତଥା ଦକ୍ଷିଣ ଏସିଆ ମୁଖ୍ୟ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଦୀପକ ଗର୍ଗ କହିଲେ, " ଆମେ ଆର୍ଥିକ ସହାୟତାକୁ ଉପଯୁକ୍ତ ମାର୍ଗରେ ପରିଚାଳିତ କରିପାରିଛୁ। ଏହାଦ୍ୱାରା ଡିଲରମାନେ ବିଶେଷ ଉପକୃତ ହୋଇପାରିଛନ୍ତି। ମହାମାରୀ ସଙ୍କଟ ସମୟରେ ସହାୟତା ଯୋଗୁ ଡିଲରମାନେ ସେମାନଙ୍କ କାରବାରକୁ ବନ୍ଦ ନ କରି ଜାରି ରଖିପାରିଛନ୍ତି। କୋଭିଡ୍ ସଙ୍କଟ ଆମମାନଙ୍କୁ ଅସୁବିଧା ସମୟରେ କିଭଳି ସହାୟତା ଦ୍ୱାରା କାରବାର ବୃଦ୍ଧି କରାଯାଇ ପାରିବ ତାହାର ଏକ ଗୁରୁତ୍ୱପୂର୍ଣ୍ଣ ଶିକ୍ଷା ଦେଇଛି। ମହାମାରୀ ସଙ୍କଟ ସମୟରେ ପୃଥିବୀର ବହୁ କମ୍ପାନୀ ସେମାନଙ୍କର କର୍ମଚାରୀଙ୍କୁ ଛଟେଇ କରିବା ଆରମ୍ଭ କରିଥିଲେ। ଏପରିସ୍ଥଳେ ସାନୀ ଇଣ୍ଡିଆ ପଦୋନ୍ନତି ଏବଂ ଦରମା ବୃଦ୍ଧି କରିଥିଲା। କମ୍ପାନୀର ଏଭଳି ଦୂର ଦୃଷ୍ଟି ସମ୍ପନ୍ନ ଆର୍ଥିକ ନୀତିର ସକାରାତ୍ମକ ପ୍ରଭାବ ଏହାର ଆର୍ ଆଣ୍ଡ୍ ଡି ଉପରେ ଅନୁଭୁତ ହୋଇଛି। ଲକ୍‌ଡାଉନ୍ ସମୟରେ ଗ୍ରାହକ ଏବଂ ଫାଇନାନ୍ସର,ମଲ୍ଟିପୁଲ ଟ୍ରେନିଂ ଏବଂ ଡେଭଲପମେଂଟ୍ କାର୍ଯ୍ୟ ଆଦି ସମ୍ପନ୍ନ ହୋଇପାରିଛି।

# ନିଶାନ୍ ଇଣ୍ଡିଆ ପକ୍ଷରୁ ଅଲ୍-ନ୍ୟୁ ନିଶାନ୍ ମାଗ୍ନାଇଟ୍ ବି-ଏସ୍‌ୟୁଭି ଉନ୍ମୋଚିତ

ଭୁବନେଶ୍ୱର: 'ମେକ୍ ଇନ୍ ଇଣ୍ଡିଆ, ମେକ୍ ଫର୍ ୱାର୍ଲ୍ଡ' ଦର୍ଶନ ଉପରେ ନିର୍ମିତ ନିଶାନ ଇଣ୍ଡିଆ ଏହାର ବହୁ ପ୍ରତିକ୍ଷୀତ ବି-ଏସ୍‌ୟୁଭି ଅଲ୍-ନ୍ୟୁ ନିଶାନ୍ ମାଗ୍ନାଇଟ୍‌କୁ ଉନ୍ମୋଚନ କରିଛି। ନିଶାନ୍-ନେସ୍ କନ୍‌ସେପ୍ଟର ଏକ ବାସ୍ତବ ପ୍ରତିଫଳନ ନୂଆ ନିଶାନ୍ ମାଗ୍ନାଇଟ୍‌କୁ ଏକ ଭର୍ଚୁଆଲ ଇଭେଂଟ୍ ଜରିଆରେ ସମଗ୍ର ବିଶ୍ୱର ଦର୍ଶକଙ୍କ ପାଇଁ ଉନ୍ମୋଚିତ କରାଯାଇଥିଲା। ଏସମ୍ପର୍କରେ ନିଶାନ ମୋଟର ଇଣ୍ଡିଆର ଅଧ୍ୟକ୍ଷ, ସିନାନ୍ ଓଜ୍‌କୋକ୍ କହିଛନ୍ତିଯେ, "ଅଲ୍-ନ୍ୟୁ ନିଶାନ୍ ମାଗ୍ନାଇଟ୍ ଆମର ନିଶାନ୍ ନେକ୍ସଟ୍ ରଣନୀତି କ୍ଷେତ୍ରରେ ଏକ ପ୍ରମୁଖ ଭୂମିକା ଗ୍ରହଣ କରୁଛି ଏବଂ ଏକ ଗ୍ରାହକ କୈନ୍ଦ୍ରିକ ସଂସ୍ଥା ଭାବେ ଭାରତୀୟ ବଜାର ପାଇଁ ନିଶାନ୍‌ର ଅବିସ୍ମରଣୀୟ ପ୍ରତିଶ୍ରୁତିର ପ୍ରତିନିଧିତ୍ୱ କରୁଛି। ଏହି କାର୍ ସମୃଦ୍ଧ ଅଭିଜ୍ଞତା ପାଇଁ ଆକର୍ଷଣୀୟ ଉତ୍ପାଦ ଡେଲିଭର କରିବା ଲାଗି ଆମେ କରୁଥିବା ସବୁକିଛିର କେନ୍ଦ୍ରରେ ଗ୍ରାହକଙ୍କୁ ରଖିବା ନେଇ ଆମର ବ୍ରାଣ୍ଡ ଫିଲୋସୋଫିକୁ ଦୋହରାଉଛି।" ଅଲ୍-ନ୍ୟୁ ନିଶାନ ମାଗ୍ନାଇଟ୍ ହେଉଛି ନିରନ୍ତର ଉଦ୍ଭାବନ, ଅତ୍ୟାଧୁନିକ ଟେକ୍ନୋଲୋଜି ଓ ଜାପାନିଜ୍ ଇଞ୍ଜିନିୟରିଙ୍ଗ୍‌ର ନିଶାନର ଗ୍ଲୋବାଲ ଏସ୍‌ୟୁଭି ଡିଏନ୍‌ଏର ଏକ ପ୍ରମାଣ। ଏଥିରେ ନିଶାନ୍ ଇଂଟେଲିଜେଂଟ୍ ମୋବିଲିଟି (ଏନ୍‌ଆଇଏମ୍) ର ଅଂଶ ଭାବେ ନୂତନ ଟେକ୍ନୋଲୋଜି ଏବଂ ଯାନଗୁଡିକୁ କିଭଳି ସମାଜ ସହ ପାରିଚାଳିତ, ଡ୍ରାଇଭେନ୍ ଓ ଇଂଟିଗ୍ରେଟେଡ୍ କରାଯିବ ତାହାକୁ ନେଇ କମ୍ପାନୀର ଆଭିମୁଖ୍ୟ ସାମିଲ ରହିଛି। ଜାପାନରେ ଡିଜାଇନ୍ ହୋଇଥିବା ଓ ଭାରତୀୟ ଗ୍ରାହକଙ୍କ ଆବଶ୍ୟକତା ଓ ଆକାଂକ୍ଷାକୁ ଦୃଷ୍ଟିରେ ରଖି ନିର୍ମିତ ଅଲ୍ ନ୍ୟୁ ନିଶାନ ମାଗ୍ନାଇଟ୍‌ରେ ଏକାଧିକ ଫାର୍ଷ୍ଟ-ଇନ୍-କ୍ଲାସ୍ ଓ ବେଷ୍ଟ-ଇନ୍-ସେଗ୍‌ମେଂଟ୍ ଫିଚର ରହିଛି। ଏହାର ଫାର୍ଷ୍ଟ-ଇନ୍-କ୍ଲାସ୍ ଫ୍ଲେୟାର ଗାରନେଟ୍ ରେଡ୍ (ଟିଂଟ୍ କୋଟ୍) କଲର୍ ଗଭୀରତା ଓ ଉନ୍ନତ ଗୁଣବତା ସହ ପ୍ରିମିୟମନେସ୍‌କୁ ପ୍ରତିଫଳନ କରୁଛି। ଏହା ୯ଟି ବଡି କଲର୍‌ଏ ୫ଟି ମୋନୋଟୋନ୍ ଓ ୪ଟି ଡୁଆଲ ଟୋନ୍ କଲର୍‌ରେ ଉପଲବ୍ଧ ହେଉଛି। ଏହି କାର୍‌ରେ ସବୁଠାରୁ ପତଳା ହେଡ୍‌ଲ୍ୟାମ୍ପ, ହାଲୁକା ସେପର-ଷ୍ଟାଇଲ୍ ଟର୍ଣ୍ଣ ଇଣ୍ଡିକେଟର୍, ଏଲ୍- ସେପ୍ ଏଲ୍‌ଇଡି ଡେଟାଇମ୍ ରନିଙ୍ଗ ଲାଇଟ୍‌ସ (ଡିଆର୍‌ଏଲ୍) ଓ ଡୋମିନେଟିଙ୍ଗ୍ ଫ୍ରଂଟ୍ ଗ୍ରିଲ୍ ରହିଛି। ଏଥିରେ ବ୍ୟାପକ ଶୃଙ୍ଖଳାର ଆକ୍‌ସେସରିଜ୍, ଏକ ୱାୟାରଲେସ୍ ଚାର୍ଜର୍, ଏୟାର ପ୍ୟୁରିଫାୟାର, ପଡଲ୍ ଲ୍ୟାମ୍ପ ଓ ଆମ୍ବିଏଂଟ୍ ମୁଡ୍ ଲାଇଟିଙ୍ଗ ଥିବା ଟେକ୍ ପାକ୍ ରହିଛି। ଏହାର ହରାଇଜୋଂଟାଲ ଇନ୍‌ଷ୍ଟ୍ରୁମେଂଟ୍ ପ୍ୟାନେଲ ଷ୍ଟ୍ରକ୍‌ଚର ଡବଲ ଡେକ୍ କନ୍‌ସୋଲ ଏହି କାର୍‌କୁ ଅଧିକ ଚଉଡା କରୁଛି।

# ଇଣ୍ଡିଆନ ଟେରେନ୍ ଏକ ଫେୟାରଟ୍ରେଡ କ୍ୟାପ୍‌ସୁଲ ସହିତ ହାଇ ଷ୍ଟ୍ରିଟ ଫେସନ୍‌ରେ ନିରନ୍ତରତାର ଅଗ୍ରଣୀ ସାଜିଛି

ଭୁବନେଶ୍ୱର : ବିଗତ ବର୍ଷଗୁଡ଼ିକରେ ନିରନ୍ତର ଏବଂ ଦାୟିତ୍ୱ ସଂପନ୍ନ ଗ୍ରାହକମାନେ ବ୍ରାଣ୍ଡଗୁଡ଼ିକୁ ସେମାନଙ୍କ ଯୋଗାଣ ଶୃଙ୍ଖଳାରେ ସ୍ୱଚ୍ଛତା ଓ ନିରନ୍ତରତା ପ୍ରଦର୍ଶନ କରିବା ଲାଗି ଉତ୍ସାହିତ କରୁଛନ୍ତି। ଗ୍ରାହକମାନଙ୍କୁ ଶ୍ରେଷ୍ଠ ଗୁଣାତ୍ମକ ମାନର ଉତ୍ପାଦ ଯୋଗାଇବା ନେଇ ୨୦ ବର୍ଷର ପ୍ରତିବଦ୍ଧତାକୁ ଦୋହରାଇ ଓ ଏକ ସୁଦୃଢ଼ ଜାତୀୟ ବ୍ରାଣ୍ଡ ସୃଷ୍ଟି କରିବା ଲାଗି ଦେଶର ଆହ୍ୱାନ ଅନୁସାରେ ଭାରତର ଅଗ୍ରଣୀ ପୁରୁଷ ପରିଧାନ ଓ ଶିଶୁ ପରିଧାନ ବ୍ରାଣ୍ଡ ଇଣ୍ଡିଆନ ଟିରେନ୍ ପକ୍ଷରୁ ପରିବେଶର ସୁରକ୍ଷା ଓ ଗୁଜରାଟର ଫେୟାରଟ୍ରେଡ ଚାଷୀଙ୍କୁ ସଶକ୍ତ କରିବା ଲାଗି ଏକ ସ୍ୱତନ୍ତ୍ର ନିରନ୍ତର ଫେସନ ପୋଷାକ ବର୍ଗ (ସଷ୍ଟେନେବଲ ଫେସନ୍ ଲାଇନ) ସୃଷ୍ଟି କରିବା ପାଇଁ ଫେୟାରଟ୍ରେଡ ଇଣ୍ଡିଆ ସହ ହାତ ମିଳାଯାଇଛି। ଫେସନ୍‌ର ସାମାଜିକ ଓ ପରିବେଶ ଉପସ୍ଥିତି ବୃଦ୍ଧି ପାଉଥିବାରୁ ପରିବର୍ତ୍ତନକୁ ଆଗକୁ ବଢ଼ାଇବା ବ୍ରାଣ୍ଡ ଲାଗି ଅଧିକ ଗୁରୁତ୍ୱପୂର୍ଣ୍ଣ ହୋଇପଡ଼ିଛି। ନିରନ୍ତର ଫେସନ୍‌କୁ ମୁଖ୍ୟସ୍ରୋତରେ ପରିଣତ କରିବା ଲାଗି ଇଣ୍ଡିଆନ ଟେରେନ୍ ଏହାର ଭୂମିକାକୁ ସ୍ୱୀକୃତି ଦେଇଛି। ଏହି ଦିଗରେ ପଦକ୍ଷେପ ସ୍ୱରୂପ ଏକ ଫାୟାରଟ୍ରେଡ କ୍ୟାପସୁଲ ଉନ୍ମୋଚନ କରିବା ଲାଗି ଭାରତର ପ୍ରଥମ ହାଇ ଷ୍ଟ୍ରିଟ ବ୍ରାଣ୍ଡ ହେବାକୁ କଂପାନି ପ୍ରତିବଦ୍ଧ। ଇଣ୍ଡିଆନ ଟେରେନ୍‌ର ଫେୟାରଟ୍ରେଡ ଲେବଲ ଥିବା ସମ୍ଭାର/ କ୍ୟାପସୁଲର ଅର୍ଥ ହେଉଛି ସମ୍ଭାର/କ୍ୟାପସୁଲ ତିଆରି କରିଥିବା କ୍ଷେତ ଓ କାରଖାନାଗୁଡ଼ିକରେ ସାମାଜିକ ଓ ପରିବେଶ ନିରନ୍ତରତା ମାନକକୁ ପାଳନ କରାଯାଇଛି। ଏହାର ଅର୍ଥ ହେଉଛି-ଚାଷୀମାନେ ଉତ୍ପାଦିତ ସାମଗ୍ରୀ ପାଇଁ ଉଚିତ ମୂଲ୍ୟ ପାଇଛନ୍ତି, କେଣସି ହାନିକାରକ କିଟନାଶକ ବ୍ୟବହାର କରାଯାଇନାହିଁ, ଶିଶୁ ଶ୍ରମିକ ନିଷିଦ୍ଧ କରାଯାଇଛି ଏବଂ ଏହି ପୋଷାକଗୁଡ଼ିକ ତିଆରି ବେଳେ ପରିବେଶକୁ ସୁରକ୍ଷା ଦିଆଯାଇଛି। ଏହି ସହଯୋଗିତା ସଂପର୍କରେ ଶ୍ରୀଯୁକ୍ତ ଚରଥ ନରସିମହନ୍, ପରିଚାଳନା ନିର୍ଦ୍ଦେଶକ, ଇଣ୍ଡିଆନ ଟେରେନ୍ ଫେସନସ୍ ଲିମିଟେଡ କହିଛନ୍ତି ଯେ, ଠକ୍ଲଙ୍କକ୍ଷ୍ପ;ଯେଉଁ ଫେସନ୍‌ର ଦୁନିଆକୁ ଆମେ ଜାଣିଥିଲୁ ତାହା ଉଦୀୟମାନ ହୋଇଛି ଏବଂ ବର୍ତ୍ତମାନ ତାହା ଅଧିକ ପରିବେଶ ସଚେତନ ହୋଇପଡ଼ିଛି। ଏକ ଅଧିକ ନିରନ୍ତର ଜୀବନଯାପନ ଶୈଳୀକୁ ଗ୍ରହଣ କରିବା ବିଷୟରେ ଗ୍ରାହକମାନଙ୍କ ମଧ୍ୟରେ ଆଲୋଚନା ବଢ଼ିଛି। ଫେୟାରଟ୍ରେଡ ସହିତ ଆମର ସହଯୋଗିତା ଜରିଆରେ ବିଶ୍ୱାସ, ନିରନ୍ତରତା ଏବଂ ଗୁଣାତ୍ମକ ମାନକୁ ନେଇ ବୃଦ୍ଧି ପାଉଥିବା ଆବଶ୍ୟକତାକୁ ପୂରଣ କରିବା ପାଇଁ ନିରନ୍ତରତା ଦିଗରେ ଏହା ହେଉଛି ଅନ୍ୟତମ ପଦକ୍ଷେପ, ତେଣୁ ଭାରତର ପ୍ରଥମ ହାଇ ଷ୍ଟ୍ରିଟ ବ୍ରାଣ୍ଡରେ ପରିଣତ ହୋଇଛୁ ଯାହା ଗୁଜରାଟର ସୁରେନ୍ଦ୍ରନଗର ଜିଲ୍ଲାରୁ ଚାଷୀଙ୍କ ଠାରୁ ଫେୟାରଟ୍ରେଡ କଟନ୍ ସଂଗ୍ରହ କରି ସ୍ୱତନ୍ତ୍ର ଉତ୍ପାଦ ବର୍ଗ ତିଆରି କରୁଛି। ସେ ଆହୁରି କହିଛନ୍ତି ଯେ, ଆଗକୁ ଫେୟାରଟ୍ରେଡ କଟନ୍, ରିସାଇକଲଡ କଟନ୍, ରିସାଇକଲଡ ପଲିଷ୍ଟର ଏବଂ ଅର୍ଗାନିକ ଓ ପ୍ରାକୃତିକ ଫାଇବର ଯଥା ବାଉଁଶ, ହେମ୍ପ ଯାହାକୁ ଆସନ୍ତା ତିନି ବର୍ଷ ଭିତରେ ସଚେତନ ଭାବେ ଏବଂ ନିରନ୍ତରତାର ସହ ସଂଗ୍ରହ କରାଯାଇଥିବ ତାହାକୁ ବ୍ୟବହାର କରି ସମଗ୍ର ପୋର୍ଟଫୋଲିଓର ୫୦ ପ୍ରତିଶତରୁ ଅଧିକ ଉତ୍ପାଦ ଉତ୍ପାଦନ କରିବାକୁ ଆମେ ଚାହୁଁଛୁ। ଆମେ ସାର୍ଟିଫାଏଡ ଯୋଗାଣକାରୀଙ୍କ ସହ କାର୍ଯ୍ୟ କରିବୁ ଏବଂ ବ୍ୟବହାର ହେଉଥିବା କଂଚାମାଲ କେଉଁଠାରେ ମିଳୁଛି ତାହା ଗୁରୁତ୍ୱାରୋପ କରି ଆମର ଲକ୍ଷ୍ୟ ସହିତ ଯୋଗାଣ ଶୃଙ୍ଖଳ ସହଯୋଗୀମାନଙ୍କୁ ଜଡ଼ିତ କରିବା ନିଶ୍ଚିତ କରିବୁ। ଜୈବ ବିଘଟିତ ପ୍ୟାକେଜିଂ ଏବଂ ଉତ୍ପାଦ ବଂଟନ ଜରିଆରେ ଅନ୍ୟାନ୍ୟ ପ୍ରକ୍ରିୟା ପର୍ଯ୍ୟନ୍ତ ମଧ୍ୟ ଆମେ ନିରନ୍ତରତାକୁ ସଂପ୍ରସାରିତ କରିବୁ। ଫେୟାରଟ୍ରେଡ ଇଣ୍ଡିଆ ସହଯୋଗିତାରେ ଇଣ୍ଡିଆନ ଟେରେନ୍‌ର ନୂଆ ସମ୍ଭାର ସବୁଠୁ ଫେସନେବଲ ପୋଷାକ ସହିତ ଦାୟିତ୍ୱବାନ ଷ୍ଟାଇଲର ଭାବ ପ୍ରଦାନ କରୁଛି। ସ୍ୱତନ୍ତ୍ର ଗ୍ରାଫିକ ପ୍ରିଂଟର ବିବିଧତା, ସଲିଡ ଓ ପାଷ୍ଟେଲ ରଙ୍ଗ ମିଶ୍ରଣର ବର୍ଗ ସହିତ ଇଣ୍ଡିଆନ ଟେରେନ୍ ପୋଷାକର ଆରାମ ଏହି ପୋଷାକକୁ ନିଶ୍ଚିତ ଦରକାରରେ ପରିଣତ କରିଛି। ଏହି କ୍ୟାପସୁଲ ସମ୍ଭାର ବର୍ତ୍ତମାନ ପ୍ରଦାନ କରୁଛି ଟି;ର ସମ୍ଭାର ଯେଉଁଥିରେ ପୁରୁଷ ଓ ବାଳକଙ୍କ ପାଇଁ କ୍ରୁ ନେକ୍ ଟି-ସାର୍ଟ ରହିଛି ଏବଂ ଟି-ସାର୍ଟ ବ୍ୟତୀତ ସାର୍ଟ ଏବଂ ଟ୍ରାଉଜର ଆଦକି ନେଇ ଏକ ବୃହତ ସମ୍ଭାର ପର୍ଯ୍ୟନ୍ତ ଏହାକୁ ଆହୁରି ସଂପ୍ରସାରିତ କରାଯିବ। ପୁନଶ୍ଚ, ଗ୍ରାହକମାନେ ଇଣ୍ଡିଆନ ଟେରେନ୍ ଫେୟାରଟ୍ରେଡ ସମ୍ଭାରରୁ ଯେତେ ଅଧିକ ଉତ୍ପାଦ କିଣିବେ ଚାଷୀ ସଂଗଠନଗୁଡ଼ିକ ସେତେ ଅଧିକ ପରିମାଣର ଫେୟାରଟ୍ରେଡ ପ୍ରିମିୟମ ପାଇପାରିବେ। ନିରନ୍ତରତା ଆପଣଙ୍କୁ ଭଲ ଅନୁଭୂତି ପ୍ରଦାନ କରିବ। ଅଭିଶେଷ ଜାନି, ସିଇଓ, ଫେୟାରଟ୍ରେଡ ଇଣ୍ଡିଆ କହିଛନ୍ତି ଯେ, ବିଶ୍ୱ ଫେସନ୍ ଶିଳ୍ପ କୋଭିଡ-୧୯ର ପ୍ରଭାବ ଦେଇ ଗତି କରୁଥିବା ବେଳେ ନିରନ୍ତରତାର ପ୍ରସାର ପାଇଁ ଇଣ୍ଡିଆନ ଟେରେନ୍ ବଳିଷ୍ଠ ପଦକ୍ଷେପ ଗ୍ରହଣ କରିଛି। ସେମାନଙ୍କ ଫେୟାରଟ୍ରେଡ ସମ୍ଭାର ଉନ୍ମୋଚନ ସହିତ ଇଣ୍ଡିଆନ ଟେରେନ୍ କେବଳ ଏହି ଗ୍ରହ ଓ ଯୋଗାଣ ଶୃଙ୍ଖଳର ସମ୍ବେଦନଶୀଳ ଗୋଷ୍ଠୀ ପ୍ରତି ଗଭୀର ପ୍ରତିବଦ୍ଧତା ପ୍ରଦର୍ଶନ କରିନାହିଁ ବରଂ ଭାରତୀୟ କପା ଚାଷିଙ୍କୁ ସେମାନଙ୍କ ଉତ୍ପାଦ ପାଇଁ ଏକ ବଜାର ପ୍ରଦାନ କରିବା ସହ ସେମାନଙ୍କୁ ଉଚିତ ମୂଲ୍ୟ ପ୍ରଦାନ ପାଇଁ ପ୍ରତିବଦ୍ଧତାକୁ ଦୋହରାଇଛି। ଫେସନ୍ ଶିଳ୍ପରେ ପରିଚାଳିତ ହେଉଥିବା ବ୍ରାଣ୍ଡ ଓ ବ୍ୟବସାୟଗୁଡ଼ିକୁ ପ୍ରଦୂଷଣ ଓ ଶୋଷଣ ଚକ୍ରରେ ସେମାନଙ୍କ ଭୂମିକାକୁ ମାନ୍ୟତା ଦେବାକୁ ପଡ଼ିବ କିମ୍ବା ସକାରାତ୍ମକ ପରିବର୍ତ୍ତନ ଓ ସାମାଜିକ ସଶକ୍ତୀକରଣର ବାର୍ତ୍ତାବହ ହେବାକୁ ପଡ଼ିବ।

# କୋଟାକ ମ୍ୟୁଚୁଆଲ ଫଣ୍ଡ୍ ଶୁଭାରମ୍ଭ କଲା ଡିଜିଟାଲ ପ୍ରଚାର ଅଭିଯାନ

ମୁମ୍ବଇ : "ଲକ୍‌ଡାଉନ ପରବର୍ତ୍ତୀ ସମୟରେ ଆପଣ କ'ଣ କରିବେ?" ଉପଭୋକ୍ତାଙ୍କର ଏହି ମାନସିକତା ପ୍ରତି ଦୃଷ୍ଟିଦେଇ କୋଟାକ ମହିନ୍ଦ୍ରା ଆସେଟ୍ ମ୍ୟାନେଜମେଠକ୍ଷପ୍ସ; କମ୍ପାନୀ (କୋଟାକ ମ୍ୟୁଚୁଆଲ ଫଣ୍ଡ) ତାହାର ଡିଜିଟାଲ ପ୍ରଚାରର ଅଭିଯାନ 'ସପ୍‌ନେ ପେ କୋଇ ଲକ୍‌ଡାଉନ ନହି ହୋତା'(ଶୁଭାରମ୍ଭ ସମ୍ପର୍କରେ ଘୋଷଣା କରିଛି- ଯାହାର ଅର୍ଥ ସ୍ୱପ୍ନରେ କଦାପି ଲକ୍‌ଡାଉନ ହୋଇପାରିବ ନାହିଁ। କୋଟାକ ମହିନ୍ଦ୍ରାର 'ଲେଟ୍‌ସ ପ୍ଲାନ' ଶିକ୍ଷାଭିତିକ ଅନ୍‌ଲାଇନ ପ୍ଲାଟଫର୍ମ ଜରିଆରେ ପ୍ରଚଳନ କରାଯାଇଥିବା ଏହି ପ୍ରଚାର ଅଭିଯାନଦ ସ୍ୱପ୍ନକୁ ସାକାର କରିବା ପାଇଁ ନିୟମିତ ସଞ୍ଚୟ ଏବଂ ନିବେଶ କରିବାର ଗୁରୁତ୍ୱ ଉପରେ ଆଲୋକପାତ କରୁଛି। ବିଷୟବସ୍ତୁ ଏବଂ ଏକ ସହଜରେ ବୁଝିହେଉଥିବା ହିସାବ ସହାୟତାରେ ଏହି ଅଭିଯାନ ଉପଭୋକ୍ତାଙ୍କୁ ଅନ୍ତରୀଣ ଜଟିଳ ସମୟରେ ଉପଯୁକ୍ତ ମାର୍ଗରେ ଅଗ୍ରସର ହେବା ଏବଂ ସେମାନଙ୍କର ଆର୍ଥିକ ଯାତ୍ରାରେ ସଠିକ ପଥରେ ପରିଚାଳିତ ହୋଇ ସେମାନେ ହାସଲ କରିବାକୁ ଚାହୁଁଥିବା ଆର୍ଥିକ ଲକ୍ଷ୍ୟ ହାସଲରେ ସହାୟତା କରୁଛି। ଚାକିରୀ ଅଥବା ଜୀବିକା ଉପାର୍ଜନ ଉତ୍ସ ହରାଇବା ପରେ, ସାମ୍ପ୍ରତିକ ଦୃଶ୍ୟପଟରେ ଏସଆଇପିକୁ ବନ୍ଦ ରଖିବା ଅଥବା ଜାରି ରଖିବା, ସୀମିତ ବେତନ ମଧ୍ୟରେ କିଭଳି ଖର୍ଚ୍ଚ ଓ ପୁଞ୍ଜିନିବେଶକୁ ପରିଚାଳନା କରିବା ଆଦିକୁ ନେଇ ଜୀବନ ସହିତ କିଭଳି ଆଗକୁ ବଢିବାକୁ ହେବ ସେ ସମ୍ପର୍କିତ ଅନେକ ପ୍ରାସଙ୍ଗିକ ପ୍ରଶ୍ନର ଉତ୍ତର ଏହାର ବିଷୟବସ୍ତୁରେ ରହିଛି। ବିବିଧ ଡିଜିଟାଲ ମାଧ୍ୟମରେ ପ୍ରସାରିତ ହେବାକୁ ଥିବା ଏହି ପ୍ରଚାର ଅଭିଯାନର ଭିଡିଓରେ ଜୀବନର ବିଭିନ୍ନ କ୍ଷେତ୍ରରୁ ଉପଭୋକ୍ତାଙ୍କର ଆଶା ଆକାଙ୍କ୍ଷା ପ୍ରଦର୍ଶିତ ହୋଇଛି ଏବଂ 'ଲେଟ୍‌ସ ପ୍ଲାନ୍' କିଭଳି ଜନସାଧାରଣଙ୍କ ସ୍ୱପ୍ନକୁ ସୋପାନ ପରେ ସୋପାନ ସାକାର କରିବାରେ ସହାୟକ ହେଉଛି, ତାହା ବର୍ଣ୍ଣନା କରିଛି କୋଟାକ ମହିନ୍ଦ୍ରା ଆସେଟ ମ୍ୟାନେଜମେଉୟ' କମ୍ପାନୀ ଲିମିଟେଡର ଡିଜିଟାଲ ବିଜନେଓ ମାର୍କେଟିଂ ମୁଖ୍ୟ କିଞ୍ଜାଲ ଶାହ କହିଛନ୍ତି, "ଆମର ପୁରସ୍କାରପ୍ରାପ୍ତ ପ୍ରଚାର ଅଭିଯାନ 'ଟକ୍ ଟୁ ମିଷ୍ଟର ଏସଆଇପି' ପରେ 'ସପ୍‌ନେ ପେ କୋଇ ଲକ୍‌ଡାଉନ ନହି ହୋତା' ଉପଭୋକ୍ତାଙ୍କୁ ନୂତନ ସ୍ୱାଭାବିକ ପରିସ୍ଥିତିରେ ସେମାନଙ୍କର ଭବିଷ୍ୟତ ସମ୍ପର୍କରେ ଯୋଜନା କରିବା ଦିଗରେ ସହାୟତା କରିବାକୁ ଏକ ଅନନ୍ୟ ଶିକ୍ଷାଭିତିକ ନିବେଶକ ପ୍ରୟାସ ହୋଇଛି। ଏହି ପ୍ରଚାର ଅଭିଯାନର ମୂଳ ତତ୍ତ୍ୱ ହେଉଛି- ବିଶ୍ୱସ୍ତରରେ ଜୀବନ ଜୀବିକାକୁ ଧୂଳିସାତ୍ କରିଦେଇଥିବା ଭୟାନକ କରୋନାଭୂତାଣୁ ମହାମାରୀ କୋଭିଡ-୧୯ କଦାପି ଆର୍ଥିକ ଯୋଜନା ପ୍ରସ୍ତୁତି ପ୍ରକ୍ରିୟାରେ ସ୍ଥାଣୁତା ନଆଣୁ। 'ଲେଟ୍‌ସ ପ୍ଲାନ୍' ସହିତ ଉପଭୋକ୍ତାଙ୍କୁ ଏସଆଇପିର ପ୍ରମାଣିତ ଶକ୍ତି ବଳରେ ସେମାନଙ୍କ ଭବିଷ୍ୟତ ଯୋଜନା ପାଇଁ ଆବଶ୍ୟକ କରୁଥିବା ସାଧନ ଓ ସୂଚନା ପ୍ରଦାନକରି ସେମାନଙ୍କୁ ସଶକ୍ତ କରୁଛି।" ଏହି ପ୍ରଚାର ଅଭିଯାନ ଡିଜିଟାଲ ମାର୍କେଟିଂ ସଂସ୍ଥା ହାଇପର୍ କନେକ୍ଟ ଦ୍ୱାରା ପ୍ରସ୍ତୁତ କରାଯାଇଛି। ହାଇପର୍ କନେକ୍ଟର ସହ ପ୍ରତିଷ୍ଠାତା ତଥା କ୍ରିଏଟିଭ ମୁଖ୍ୟ କିରଣ ଖାଡ୍‌କେ କହିଛନ୍ତି, 'ସ୍ୱପ୍ନ ସଂପୂର୍ଣ୍ଣ ମାଗଣା, ତାହା ଜଣକୁ କେବଳ ସମ୍ଭାବନା ରହିଥିବାର ବିଶ୍ୱାସ ପ୍ରଦାନ କରେ। ଆମେ ଏହି ମୌଳିକ ତତ୍ତ୍ୱକୁ ବାଛିଲୁ ଏବଂ ତାହାକୁ ଏସଆଇପିର ମୂଳ ବିଷୟ ସହିତ ସଂଯୁକ୍ତ କଲୁ, ଏବଂ ତାହାପରେ ଏହି ପ୍ରଚାର ଅଭିଯାନ ସୃଷ୍ଟିହେଲା। ଭିଡିଓରେ ଏହି ବର୍ଣ୍ଣନାକୁ ପ୍ରତିପାଦନ କରାଯାଇଛି ଏବଂ ଏହାର ବିଷୟବସ୍ତୁ ନୂତନ ତଥା ପୂର୍ବରୁ ରହିଥିବା ନିବେଶକଙ୍କୁ ସହଜ ହିସାବ ଜରିଆରେ ସେମାନଙ୍କ ସ୍ୱପ୍ନକୁ ନେଇ ଅତ୍ୟନ୍ତ ସୂକ୍ଷ୍ମ ଭାବରେ ଯୋଜନା ପ୍ରସ୍ତୁତ କରିବାରେ ସହାୟତା କରୁଛି।"

# ପବ୍ଲିକ ୟୁଟିଲିଟି ସେବାରେ ଘରୋଇ କ୍ଷେତ୍ର ସାମର୍ଥ୍ୟକୁ ଉପଯୋଗ କଲା ଇଣ୍ଡିଆ ପାୱାର

ଭୁବନେଶ୍ୱର: ଏକ ଅଗ୍ରଣୀ ଶକ୍ତି ୟୁଟିଲିଟି ଇଣ୍ଡିଆ ପାୱାର କର୍ପୋରେସନ ଲିମିଟେଡ (ଇଣ୍ଡିଆ ପାୱାର) ପବ୍ଲିକ ୟୁଟିଲିଟି ସେବାରେ ଘରୋଇ କ୍ଷେତ୍ର ସାମର୍ଥ୍ୟକୁ ସୁଲଭ ମୂଲ୍ୟରେ ଉପଯୋଗ କରିବାରେ ଧ୍ୱଜାଧାରୀ ଭାବେ ଉଭା ହୋଇଛି। ୧୯୧୯ରୁ ଉପଭୋକ୍ତାଙ୍କୁ ବିଦ୍ୟୁତ ଯୋଗାଇ ଆସୁଥିବା ରାଷ୍ଟ୍ରାୟତ୍ତ ଦିଶେରଗଡ ପାୱାର ସପ୍ଲାଇ କମ୍ପାନୀ (ଡିପିଏସ୍‌ସି)କୁ ଅଧିଗ୍ରହଣ କରିବା ଦ୍ୱାରା କମ୍ପାନୀ ତାହାର ସେବା ଯୋଗାଣରେ ସରକାରୀ ଏବଂ ଘରୋଇ କ୍ଷେତ୍ରର ସର୍ବୋତ୍ତମକୁ ସମ୍ମିଶ୍ରଣ କରିଛି। ଏହି ଅଧିଗ୍ରହଣ ଏକ ଆଧୁନିକ ୟୁଟିଲିଟି ସୃଷ୍ଟି କରିଛି ଯାହା ଗ୍ରାହକଙ୍କୁ ସେମାନେ ଦେଉଥିବା ମୂଲ୍ୟର ଉପଯୁକ୍ତ ସେବା ଦେବା ବ୍ୟବସ୍ଥାରେ ଉନ୍ନତି ଆଣିବା ନିମନ୍ତେ ଅଗ୍ରଣୀ ପ୍ରଯୁକ୍ତିକୁ ବ୍ୟବହାର କରୁଛି ଏବଂ ସମାଜ ପ୍ରତି ନିଜର ଦୃଢ ପ୍ରତିଶ୍ରୁତିବଦ୍ଧତା ରଖୁଛି। ଇଣ୍ଡିଆ ପାୱାର ଡିପିଏସ୍‌ସିର ଠିକାରେ ଥିବା କର୍ମଚାରୀଙ୍କ ସମେତ ପ୍ରାୟ ୨୦୦୦ କର୍ମଚାରୀଙ୍କୁ ସଶକ୍ତ କରିଛି ଏବଂ ସେମାନଙ୍କୁ ନିଜର ପୂର୍ବରୁ ରହିଥିବା ଲୋକଶକ୍ତି ସହିତ ସମନ୍ୱିତ କରିଛି। ଏହା ଏକ ଅନନ୍ୟ ସାଂସ୍କୃତିକ ସଂପ୍ରୀତି ସୃଷ୍ଟି କରିପାରିଛି ଯାହା କମ୍ପାନୀ ଭିତରେ ନୂତନ ଉଦ୍ଭାବନ ଏବଂ ସୃଜନଶୀଳତା ସଂସ୍କୃତିକୁ ପ୍ରୋତ୍ସାହିତ କରୁଛି। ଇଣ୍ଡିଆ ପାୱାର ତାହାର ଘରୋଇ, ବାଣିଜ୍ୟିକ ଏବଂ ଶିଳ୍ପ ଉପଭୋକ୍ତାଙ୍କୁ ଉନ୍ନତତର ସେବା ସୁଲଭ ମୂଲ୍ୟରେ ଯୋଗାଇବା ସକାଶେ ନେଟୱର୍କ ଓ ଆବଠକ୍ଷପ୍ସ;ନ ଭିତ୍ତିଭୂମିକୁ ଉନ୍ନତ କରିବାକୁ ୫୦୦ କୋଟି ଟଙ୍କାରୁ ଅଧିକ ନିବେଶ କରିଛି। ନୂତନ ଭୌଗୋଳିକ ଅଞ୍ଚଳରେ ନିଜର କାର୍ଯ୍ୟକ୍ରମକୁ ସମ୍ପ୍ରସାରିତ କରିବା ପାଇଁ ସାନି ପୁଞ୍ଜିନିବେଶ କରିବାକୁ କମ୍ପାନୀ ପ୍ରତିଶ୍ରୁତିବଦ୍ଧ ଏବଂ ଉପଭୋକ୍ତା ଯେଭଳି ଭୋଲ୍‌ଟେଜରେ ହ୍ରାସବୃଦ୍ଧି, ଶକ୍ତି ବିଭ୍ରାଟ, ଶକ୍ତି ଯୋଗାଣରେ ବିଫଳତା ଏବଂ ଲୋଡ ସେଡିଂ ଆଦି କାରଣରୁ ପ୍ରଭାବିତ ନୁହଅନ୍ତି ତାହା ନିଶ୍ଚିତ କରିବାକୁ ବହୁ ରାଜ୍ୟ ସରକାରଙ୍କ ସହିତ ନିବିଡ ଭାବରେ ମିଶି କାର୍ଯ୍ୟ କରୁଛି। ମଧ୍ୟପ୍ରଦେଶ ସରକାର ଇଣ୍ଡିଆ ପାୱାରର ସହଯୋଗୀ କମ୍ପାନୀ ଏମ୍‌ପି ସ୍ମାର୍ଟଗ୍ରୀଡ ପ୍ରାଇଭେଟ ଲିମିଟେଡକୁ ନିକଟରେ ଏକ ପ୍ରଥମ ଧରଣର ପ୍ରକଳ୍ପ ପ୍ରଦାନ କରିଛନ୍ତି। କମ୍ପାନୀ ଉଜ୍ଜୟିନ, ରତ୍‌ଲାମ, ଦେୱାସ, ଖାରଗୋନ୍ ଏବଂ ମାଉ ଆଦି ସ୍ଥାନରେ ୩୫୦,୦୦୦ ସ୍ମାର୍ଟ ମିଟର ସ୍ଥାପନ କାର୍ଯ୍ୟ ଆରମ୍ଭ କରିଛି। ଉପଭୋକ୍ତାଙ୍କ ଘରେ ସ୍ମାର୍ଟ ମିଟର ସ୍ଥାପନ ସହିତ ଏହି ପ୍ରକଳ୍ପରେ ଏକ ପାୱାର ନେଟୱର୍କ ପାଇଁ ଭିତ୍ତିଭୂମି ସ୍ଥାପନ ଏବଂ ପାଞ୍ଚବର୍ଷ ପର୍ଯ୍ୟନ୍ତ ତାହାର ପରିଚାଳନା ଓ ରକ୍ଷଣାବେକ୍ଷଣ (ଓ ଆଣ୍ଡ ଏମ୍) ମଧ୍ୟ ଅନ୍ତର୍ଭୁକ୍ତ। ସରକାରୀ ଓ ଘରୋଇ କ୍ଷେତ୍ରର ସମ୍ମିଳିତ ସାମର୍ଥ୍ୟକୁ ସାକାର ରୂପ ଦେବାନେଇ କମ୍ପାନୀର ସାମର୍ଥ୍ୟ ସମ୍ପର୍କରେ ପ୍ରକାଶକରି ଇଣ୍ଡିଆ ପାୱାରର ପରିଚାଳନା ନିର୍ଦ୍ଦେଶକ ଶ୍ରୀ ରାଘବ ରାଜ କନୋରିଆ କହିଛନ୍ତି, "ଇଣ୍ଡିଆ ପାୱାରରେ ଆମେ ଦୁଇଟି କ୍ଷେତ୍ରର ସର୍ବୋତ୍ତମକୁ ସମ୍ମିଶ୍ରଣ କରିବାରେ ସମର୍ଥ ହୋଇଛୁ। ଉପଭୋକ୍ତା ସନ୍ତୁଷ୍ଟିକୁ ଆଗେଇନେବାରେ ଘରୋଇ କ୍ଷେତ୍ରର ଉଲ୍ଲେଖନୀୟ ସାମର୍ଥ୍ୟ ହେଉ କିମ୍ବା କର୍ମଚାରୀ କଲ୍ୟାଣ ନିମନ୍ତେ ସରକାରୀ କାର୍ଯ୍ୟ ସଂସ୍କୃତି- ଇଣ୍ଡିଆ ପାୱାର ସବୁ କ୍ଷେତ୍ରରେ ସଫଳ ହୋଇଛି। ଆମେ ଡିପିଏସ୍‌ସିର ସମସ୍ତ କର୍ମଚାରୀଙ୍କୁ ବଜାୟ ରଖିଛୁ, ସେମାନଙ୍କୁ ପୁନଃ ତାଲିମ ପ୍ରଦାନ ସହିତ ସଶକ୍ତ କରିଛୁ, ଆଡଭାନ୍‌ସଡ ମିଟରିଂ ଇନଫ୍ରାଷ୍ଟ୍ରକଚର (ଏଏମ୍‌ଆଇ), ଏସ୍‌ସିଏଡିଏ ଏବଂ ଇଠକ୍ଷପ୍ସ;ରନେଟ ଅଫ୍ ଥିଙ୍ଗ୍‌ସ (ଆଇଓଟି) ଭଳି ଆଧୁନିକ ପ୍ରଯୁକ୍ତିକୌଶଳରେ ପୁଞ୍ଜିନିବେଶ କରିବା ସହିତ ଆମର ସମସ୍ତ ଅଂଶୀଦାରଙ୍କ ପାଇଁ ଏକ ଲାଭଜନକ ପରିବେଶ ସୃଷ୍ଟି କରିଛୁ।" ଇଣ୍ଡିଆ ପାୱାର୍‌ର ପୂର୍ଣ୍ଣକାଳୀନ ନିର୍ଦ୍ଦେଶକ ତଥା ଶକ୍ତି ଶିଳ୍ପର ଜଣେ ପ୍ରବୀଣ ବ୍ୟକ୍ତି ଶ୍ରୀ ସୋମେଶ ଦାସଗୁପ୍ତା କହିଛନ୍ତି, "ଡିପିଏସ୍‌ସି ଏହାର ଲାଇସେନ୍ସ ଅଧୀନ ଅଞ୍ଚଳରେ ଥିବା ଗୁରୁତ୍ୱପୂର୍ଣ୍ଣ ଖଣି କ୍ଷେତ୍ରଗୁଡିକୁ ଏକାଗ୍ରତା, ଉତ୍ସର୍ଗୀକୃତ ଭାବ ଏବଂ ଶୃଙ୍ଖଳିତ ଭାବେ ଶକ୍ତି ଯୋଗାଇ ଦେଉଛି। ଅଧିଗ୍ରହଣ ପରବର୍ତ୍ତୀ ସମୟରେ ଇଣ୍ଡିଆ ପାୱାର ସୁଲଭତା ସହିତ ମାନକୁ ସଂଯୁକ୍ତ କରିଛି ଏବଂ ଉପଭୋକ୍ତାଙ୍କ ପାଇଁ ସେମାନଙ୍କ ଅର୍ଥର ଉପଯୁକ୍ତ ମୂଲ୍ୟ ପ୍ରଦାନ ସ୍ଥିତିରେ ପୁନଃ ଉନ୍ନତି ଆଣିଛି। ସରକାରୀ କ୍ଷେତ୍ର ସେବା ଯୋଗାଣରେ ଘରୋଇ କ୍ଷେତ୍ରର ଅଭିଜ୍ଞତାକୁ ସମ୍ମିଶ୍ରିତ କରିବାରେ କମ୍ପାନୀ ଏକ ମାନଦଣ୍ଡ ସ୍ଥାପନ କରିଛି ଏବଂ ସମଗ୍ର ଭାରତରେ ରାଜ୍ୟ ସରକାରମାନଙ୍କ ଦ୍ୱାରା ଏକ ପସନ୍ଦଯୋଗ୍ୟ ସହଭାଗି ଭାବରେ ବିବେଚିତ ହେଉଛି।

# ଆନନ୍ଦପୁର ମହାବିଦ୍ୟାଳୟ ଓ ତାଲୁକ୍ ଆଇନ୍ ସେବା ସମିତି ପକ୍ଷରୁ ଦୁର୍ନୀତି ନିବାରଣ ସପ୍ତାହ ପାଳନ

ଆନନ୍ଦପୁର,(ପି.ଏନ):ଆନନ୍ଦପୁର ମହାବିଦ୍ୟାଳୟର ସଭାଗୃହରେ ଦୁର୍ନୀତି ନିବାରଣ ସପ୍ତାହ ପାଳନ ଅବସରରେ ତାଲୁକ ଆଇନ୍ ସେବା ସମିତି ଆନନ୍ଦପୁରଙ୍କ ସହଯୋଗରେ ଦୁର୍ନୀତି ନିବାରଣ ତଥା ଆଇନ୍ ସଚେତନତା ସଭା ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଆନନ୍ଦପୁର ତାଲୁକ ଆଇନ୍ ସେବା ସମିତି ଅଧ୍ୟକ୍ଷ ତଥା ଅତିରିକ୍ତ ଜିଲ୍ଲା ଦୌରାଜଜ୍ ରନ କୁମାର ସୁତାର ଯୋଗ ଦେଇ ଉପସ୍ଥିତ ଅତିଥି, ଅଧ୍ୟାପକ, ଅଧ୍ୟାପିକା, ଛାତ୍ରଛାତ୍ରୀମାନଙ୍କୁ ରାଷ୍ଟ୍ରର ବିକାଶ ନିମନ୍ତେ ଦୁର୍ନୀତି ନିବାରଣ କରିବା ପାଇଁ ତର୍ଜମା କରିବା ସହିତ ଏହାର ଦଣ୍ଡବିଧି ଓ ବିଚାର ପ୍ରକ୍ରିୟା ଶିଶୁ ଯୌନ ନିର୍ଯ୍ୟାତନା ଆଇନ୍ ଓ ପିଡୀତାଙ୍କ ସୁରକ୍ଷା ଓ କ୍ଷତିପୂରଣ ରାଶିର ଆଲୋଚନା କରିଥିଲେ।




# ରମା ଏକାଦଶୀ ମହାତ୍ମ୍ୟ





କାର୍ତ୍ତିକ ମାସ କୃଷ୍ଣପକ୍ଷ ଏକାଦଶୀର ନାମ ରମା ଏକାଦଶୀ । ଏହି ଏକାଦଶୀର ମହାତ୍ମ୍ୟ ବୁଝାଇ ଭଗବାନ ବିଷ୍ଣୁ ଯୁଧିଷ୍ଠିରଙ୍କୁ କୁହନ୍ତି ଯେ ମୁଚକୁନ୍ଦ ନାମକ ଜଣେ ରାଜା ସତ୍ୟବାଦୀ ତଥା ବିଷ୍ଣୁଙ୍କର ପରମ ଭକ୍ତ ଥିଲେ। ତାଙ୍କ କନ୍ୟାର ନାମ ଚନ୍ଦ୍ରଭାଗା ଥିଲା। ତାଙ୍କର ବିବାହ ରାଜକୁମାର ଶୋଭନଙ୍କ ସହିତ ହୋଇଥିଲା। ଶୋଭନ ବହୁତ ଦୁର୍ବଳ ଥିଲେ ଅଥଚ ଶ୍ରଦ୍ଧା ଓ ମାନସିକ ଶକ୍ତିରେ ସେ ଖୁବ୍ ଶକ୍ତିଶାଳୀ ଥିଲେ। ଏକଦା ସେ ଶ୍ୱଶୁର ଘରକୁ ଯାଇଥିଲେ। ଠିକ୍ ସେତିକି ବେଳେ ରମା ଏକାଦଶୀ ପଡିଲା । ରାଜା ମୁଚୁକୁନ୍ଦ ରାଜ୍ୟରେ ଢ଼େଙ୍ଗୁରା ଦେଲେ ଯେ ସମସ୍ତ ପ୍ରଜାକୂଳ ଏହି ଏକାଦଶୀ ପାଳନ କରିବାକୁ ବାଧ୍ୟ। ତା'ବି ଘୋଷଣା କଲେ ଯେ ଏମିତିକି ହାତୀ, ଘୋଡା , ଓଟ ଏବଂ ଅନ୍ୟାନ୍ୟ ଗୃହପାଳିତ ପଶୁମାନଙ୍କୁ ମଧ୍ୟ ଖାଇବାକୁ ଦିଆଯିବ ନାହିଁ । ସେମାନେ ବି ଉପବାସ କରିବେ । ଏକଥା ଶୁଣି ଶୋଭନ ନିଜ ସ୍ତ୍ରୀକୁ କହିଲେ: ମୋର ଶରୀରର ଅବସ୍ଥା ଯାହା ଉପବାସ କରିବିତ ବଂଚି ପାରିବି ନାହିଁ । ଏବେ କୁହ କ'ଣ କରାଯିବ? ଏଥିକୁ ତାଙ୍କ ସ୍ତ୍ରୀ କହିଲେ ଯେ ଯଦି ଉପବାସ କରିବାର ଦୈହିକ ଶକ୍ତି ନାହିଁ, ତେବେ ଏଠାରୁ ତୁମେ ଅନ୍ୟ ସ୍ଥାନ ଚାଲିଯାଅ। ଉତ୍ତରରେ ସେ ଚନ୍ଦ୍ରଭାଗାଙ୍କୁ କହିଲେ : ମାନୁଛି ଯେ ଉପବାସ ପାଇଁ ମୋ'ଠାରେ ଶାରୀରିକ ଶକ୍ତି ଦୁର୍ବଳ ହେଲେ ହେଁ, ମୋ' ମନ ମଧ୍ୟରେ ଶ୍ରଦ୍ଧା ଓ ଭକ୍ତି ଏଥିପାଇଁ ବହୁ ପ୍ରବଳ । ଏଣୁ ମୁଁ ପ୍ରତିଶ୍ରୁତିବଦ୍ଧ ଯେ ମୋ' ଶରୀରରୁ ଘଟ ପଛେ ତୁଟି ଯାଉ ମୁଁ ବ୍ରତ ଭାଙ୍ଗିବି ନାହିଁ । ଏଣୁ ସେ ରମା ଏକାଦଶୀ ବ୍ରତ କଲେ। ଭୋକ ଓ ଶୋଷ କାରଣରୁ ସତରେ ତାଙ୍କର ପ୍ରାଣବାୟୁ ଉଡିଗଲା ଅଥଚ ବ୍ରତର ପ୍ରଭାବରେ ଇନ୍ଦ୍ରାଂଚଳ ପର୍ବତ ଉପରେ ଥିବା ରତ୍ନ ଜଟିତ ଉତ୍ତମ ନଗର ତାଙ୍କୁ ପ୍ରାପ୍ତ ହେଲା। ଏଠାରେ ସେ ଇନ୍ଦ୍ରଙ୍କ ସୁଲାଭ ଆନନ୍ଦ ପାଇଲେ। ଗନ୍ଧର୍ବ ଓ ଅପ୍ସରାମାନେ ତାଙ୍କର ସେବା ଏବଂ ସ୍ତୁତିଗାନ କଲେ। ଏକଦା ମୁଚକୁନ୍ଦ ନଗରୀର ଜଣେ ବ୍ରାହ୍ମଣ ସୌମ୍ୟ ଶର୍ମା ତୀର୍ଥ ବାହାରି ସେଠାରେ ପହଂଚିଲେ। ତାଙ୍କର ଶୋଭନଙ୍କ ସହିତ ପରିଚିତ ହେଲା ଏବଂ ସେ ସେହି ସ୍ଥାନ କିପରି ପାଇଲେ ବୋଲି ପଚାରିଲେ। ଶୋଭନ କହିଲେ ଯେ ଏସବୁ ରମା ଏକାଦଶୀ ପାଳନର ଫଳ। ମୋ' ଜନ୍ମର ସମସ୍ତ ପାପର ବିନାଶ ଘଟିଛି ଏବଂ ମୋତେ ଏ ଅନୁପମ ନଗର ଓ ଦେବ ସୁଖ ମିଳିଛି। ତେବେ ଏ ନଗର ମୋ' ପାଇଁ ଅଧ୍ରୁବ। କେବଳ ଧ୍ରୁବ ମୋ ପତ୍ନୀ ଯୋଗୁଁ ସମ୍ଭବ ହୋଇପାରେ। ତୁମେ ଏ ବାର୍ତ୍ତା ତାଙ୍କୁ ଦେବ? ବ୍ରାହ୍ମଣ ଏ ବାର୍ତ୍ତା ଚନ୍ଦ୍ରଭାଗାଙ୍କୁ ଦେଲେ। ଏବେ ଚନ୍ଦ୍ରଭାଗା ମନ୍ଦ୍ରାଂଚଳ ପର୍ବତରେ ଥିବା ମୁନି ବାମଦେବଙ୍କ ଆଶ୍ରମରେ ପହଂଚିଲେ। ସେ ତାଙ୍କ ସ୍ୱାମୀଙ୍କ ସହିତ କିପରି ମିଶିବେ ତା'ର ଉପାୟ ଆତ୍ମଭିକ୍ଷା କଲେ। ମୁନି ତାଙ୍କୁ ମନ୍ତ୍ରଦ୍ୱାରା ଅଭିଷେକ କଲେ। ସେ ଘଟ ଛାଡିଲେ ଏବଂ ଦିବ୍ୟ ଶରୀର ଧରି ସ୍ୱାମୀଙ୍କ ପାଖେ ପହଂଚିଲେ। ଶୋଭନଙ୍କ ଅଧ୍ରୁବ ଅନୁପମ ନଗର, ଏବେ ଧ୍ରୁବରେ ପରିଣତ ହେଲା। ସେମାନେ ଏବେ ରମା ଏକାଦଶୀ ପାଳନ ପୂର୍ବକ ନିଶ୍ଚିତ ଏବଂ ଜୀବନ ଯାପନ କଲେ। କାହାଣୀ ନିଶ୍ଚୟ ମଧୁର। କୁହାଯାଏ ଯେ କାହାଣୀ ଶୁଣିଲାବାଲାର ବି ବିଷ୍ଣୁଲୋକ ପ୍ରାପ୍ତି ହୁଏ। ମନ ଜିଣି ଉପବାସ ପାଇଁ ସ୍ୱାସ୍ଥ୍ୟାର୍ଥେ ପ୍ରବର୍ତ୍ତାଇବାର ଏହା ଏକ ବିଳିଷ୍ଟ ମାଧ୍ୟମ।

**ବିପିନବିହାରୀ ମହାନ୍ତି, ଅଧ୍ୟକ୍ଷ, ଓଡିଶା ଭାଷା ସଂରକ୍ଷଣ ଏବଂ ଗବେଷଣା ପ୍ରତିଷ୍ଠାନ, ବିପିନବିହାରୀ ପାଠାଗାର, ଜଟଣୀ**

# 'ଓଡିଶା ଦୁର୍ନୀତି ସଂଘର୍ଷ ମଂଚ' ପକ୍ଷରୁ ଦୁର୍ନୀତି ନିବାରଣ ସଚେତନତା ସପ୍ତାହ ପାଳନ

ଭୁବନେଶ୍ୱର (ପିଏନ୍): ସାରା ଦେଶରେ ସପ୍ତାହବ୍ୟାପୀ ଦୁର୍ନୀତି ନିବାରଣ ସଚେତନତା କାର୍ଯ୍ୟକ୍ରମ ଜାରି ରହିଛି। ଏହି ପରିପେକ୍ଷୀରେ ଓଡିଶା ଦୁର୍ନୀତି ସଂଘର୍ଷ ମଂଚ ପକ୍ଷରୁ ଦୁର୍ନୀତି ନିବାରଣ ସଚେତନତା କାର୍ଯ୍ୟକ୍ରମ ଭୁବନେଶ୍ୱର ଏନ୍-୪, ଆଇ.ଆର.ସି. ଭିଲେଜ ସ୍ଥିତ ବିବେକାନନ୍ଦ ଶିକ୍ଷାକେନ୍ଦ୍ରରେ ହୋଇଯାଇଛି। ବିଦ୍ୟାଳୟର ଶିକ୍ଷକ, ଶିକ୍ଷୟତ୍ରୀ, ଅଧ୍ୟୟନରତ ଛାତ୍ରଛାତ୍ରୀ ଏବଂ ଓଡିଶା ଦୁର୍ନୀତି ସଂଘର୍ଷ ମଂଚର ସଭ୍ୟସଭ୍ୟାଙ୍କୁ ନେଇ ଏହି ସଚେତନତା କାର୍ଯ୍ୟକ୍ରମ କରାଯାଇଥିଲା। ଆରମ୍ଭରେ ସ୍ୱାମୀ ବିବେକାନନ୍ଦଙ୍କ ଫଟୋଚିତ୍ର ସମ୍ମୁଖରେ ଦ୍ୱୀପ ପ୍ରଜ୍ୱଳନ କରାଯାଇ ଅତିଥିମାନଙ୍କ ପରିଚୟ ପ୍ରଦାନ କରାଯାଇଥିଲା। ସୋନାଲି ସାହୁ, ଅର୍ଚ୍ଚିତା ଦିଗାଲ, ଭାଗ୍ୟଶ୍ରୀ ବେହେରା, ମେନକା ପ୍ରଧାନ, ତୁଳସୀ ଜେନା ଏବଂ ଇପ୍ସିତା ବେହେରା ପାରମ୍ଭିକ ସଙ୍ଗିତ ଗାନ କରିଥିଲେ । କାର୍ଯ୍ୟକ୍ରମରେ ପୌରୋହିତ୍ୟ କରି ମଂଚର ସାଧାରଣ ସମ୍ପାଦକ ଡଃ ଜଗବନ୍ଧୁ ଷଡଙ୍ଗୀ ଛାତ୍ରଛାତ୍ରୀମାନଙ୍କୁ ସେମାନଙ୍କ ଭବିଷ୍ୟତ ଜୀବନରେ ସ୍ୱଚ୍ଛତା ଓ ନୈତିକତା ଅବଲମ୍ବନ କରିବାକୁ ପରାମର୍ଶ ଦେଇଥିଲେ। ଏହାଦ୍ୱାରା ଏକ ଦୁର୍ନୀତିମୁକ୍ତ ସମାଜ ଗଠନ କରିବାରେ ଆମେ ସମସ୍ତେ ସହଭାଗୀ ହୋଇପାରିବା ବୋଲି ସେ କହିଥିଲେ। ସେ ନିଜ ଜୀବନରେ ଘଟିଯାଇଥିବା ଅନେକ ସଂଘର୍ଷପୂର୍ଣ୍ଣ ଘଟଣାର ଅବତାରଣା କରି ପିଲାମାନେ କିଭଳି ସାହାସର ସହ ଦୁର୍ନୀତି ବିରୁଦ୍ଧରେ ସ୍ୱର ଉତୋଳନ କରିପାରିବେ ତାର ଉଦାହରଣ ପ୍ରସ୍ତୁତ କରିଥିଲେ। ବିଦ୍ୟାଳୟର ଅଧକ୍ଷା ଶ୍ରୀମତୀ କବିତା କର ପିଲାମାନେ କିଭଳି ନିଜ ଜୀବନରେ ନିର୍ଭୀକତାର ସହ ଦୁର୍ନୀତିର ସାମ୍ନା କରିପାରିବେ ତାହା କହିଥିଲେ। ବିଦ୍ୟାଳୟର ସମ୍ପାଦକ ତଥା ପରିଚାଳକ ଅଞ୍ଜନ ଦେବତା ପିଲାମାନଙ୍କୁ ଦୁର୍ନୀତି ବିରୁଦ୍ଧର ସଂଘର୍ଷରତ ରହିବା ପାଇଁ ପ୍ରେରିତ କରିବା ସହ ବିଦ୍ୟାଳୟ ପରିସରରେ ଛାତ୍ରଛାତ୍ରୀମାନଙ୍କ ପାଇଁ ଏଭଳି




ଏକ ଗଠନମୂଳକ କାର୍ଯ୍ୟକ୍ରମ ଆୟୋଜିତ କରିଥିବାରୁ ଓଡିଶା ଦୁର୍ନୀତି ସଂଘର୍ଷ ମଂଚର ସଦସ୍ୟମାନଙ୍କୁ ସାଧୁବାଦ ଜଣାଇଥିଲେ। ମଂଚର ଅନ୍ୟତମ ବରିଷ୍ଠ ସଦସ୍ୟା ଜ୍ୟୋତ୍ସ୍ନା ଦାସ ପିଲାମାନଙ୍କୁ ଜୀବନରେ ସ୍ୱଚ୍ଛତା ସହ ସାଧୁତା ଏବଂ ନୈତିକତାପୂର୍ଣ୍ଣ ଜୀବନଯାପନ କରିବା ପାଇଁ ପରାମର୍ଶ ଦେଇଥିଲେ। ମଂଚର ସାଧାରଣ ସମ୍ପାଦକ ଡଃ ଜଗବନ୍ଧୁ ଷଡଙ୍ଗୀ ଉପସ୍ଥିତ ସମସ୍ତ ବ୍ୟକ୍ତିବିଶେଷଙ୍କୁ ଏକ ଦୁର୍ନୀତିମୁକ୍ତ ସମାଜ ଗଠନ ପାଇଁ ଶପଥପାଠ କରାଇଥିଲେ। ପରିଶେଷରେ ବିଦ୍ୟାଳୟର ଛାତ୍ରଛାତ୍ରୀମାନଙ୍କ ବ୍ୟବହାର ପାଇଁ ଓଡିଶା ଦୁର୍ନୀତି ସଂଘର୍ଷ ମଂଚ ପକ୍ଷରୁ ଗୋଟିଏ ଗ୍ଲୋବ ଏବଂ ଭାରତର ମାନଚିତ୍ର ପ୍ରଦାନ କରାଯାଇଥିଲା। ଶିକ୍ଷୟତ୍ରୀ ସ୍ୱର୍ଣ୍ଣପ୍ରଭା ଶତପଥୀ ମଂଚ ପରିଚାଳନା କରିଥିଲେ। ମଂଚର ଅନ୍ୟତମ ସଦସ୍ୟା ଯୋଗ ଶିକ୍ଷୟତ୍ରୀ ସୌଦାମିନୀ ପଣ୍ଡା ପିଲାମାନଙ୍କୁ ଜଣେ ଜଣେ ଉତମ ନାଗରିକ ହେବାପାଇଁ ଉପଦେଶ ଦେବା ସହ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଓଡିଶା ଦୁର୍ନୀତି ସଂଘର୍ଷ ମଂଚର ସଦସ୍ୟ ଅମୀର ସାହୁ, କ୍ଷିତୀଶ ପାଲଟାସିଂହ, ଦୀନବନ୍ଧୁ ଷଡଙ୍ଗୀ, ତରୁଣ ପଟ୍ଟନାୟକ, ସୁଧାଂଶୁ ପରିଜା ପ୍ରମୁଖ ଯୋଗ ଦେଇଥିଲେ।

# କୋଣାର୍କ କଳା ଓ ସାହିତ୍ୟ ଉତ୍ସବ-୨୦୨୧ ଉଦ୍‌ଘାଟିତ




କୋଣାର୍କ (ପିଏନ୍): ଗତ ଶନିବାର ସଂଧ୍ୟାରେ ସ୍ଥାନୀୟ ଯାତ୍ରୀନିବାସଠାରେ ଓଡିଆ ମିଡିଆ ପ୍ରାଇଭେଟ୍ ଲିଃ, ଭୁବନେଶ୍ୱର ପକ୍ଷରୁ ଆୟୋଜିତ କୋଣାର୍କ କଳା ଓ ସାହିତ୍ୟ ଉତ୍ସବ-୨୦୨୧କୁ ରାଜ୍ୟ ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ସମୀର ରଂଜନ ଦାଶ ଉଦ୍‌ଘାଟନ କରିଛନ୍ତି। ଓଡିଆ ମିଡିଆ ପ୍ରାଇଭେଟ୍ ଲିଃ ତଥା ପେନଇନ୍ ବୁକ୍ସର ପ୍ରତିଷ୍ଠାତା ଶୁଭ୍ରାଂଶୁ ପଣ୍ଡାଙ୍କ ପୌରୋହିତ୍ୟରେ ଆୟୋଜିତ ଏହି ଉତ୍ସବରେ ମୁଖ୍ୟ ଅତିଥିରୂପେ ସ୍ଥପତି ପଦ୍ମବିଭୂଷଣ ସୁଦର୍ଶନ ସାହୁ, ମୁଖ୍ୟବକ୍ତାରୂପେ କଥାକାର ହରପ୍ରସାଦ ଦାସ ଓ ସମ୍ମାନୀତ ଅତିଥିରୂପେ ଡ. ଇତିରାଣୀ ସାମନ୍ତ ଯୋଗଦେଇ କଳାର କ୍ଷେତ୍ର କୋଣାର୍କରେ ଏପରି ଉତ୍ସବର ଆୟୋଜନକୁ ପ୍ରଶଂସା କରିଥିଲେ। ଏହି ଅବସରରେ କବୀ ତଥା ଗାଳ୍ପିକା ଭୁବନେଶ୍ୱରୀ ପଣ୍ଡାଙ୍କର ଗଳ୍ପ ସଂକଳନ ପୁସ୍ତକ 'ଜୀବନର ବାଟେଘାଟେ', ଲେଖିକା ସବିତା ଶୁକ୍ଳାଙ୍କର ଲଳିତ ନିବନ୍ଧ ସଂକଳନ 'ସକାଳର ମୁରୁଜ' ଓ କବି ବଳରାମ ପୂଜାରୀଙ୍କର କବିତା ସଂକଳନ 'ଈଶ୍ୱରଙ୍କ ଭାଡି'କୁ ଅତିଥିମାନେ ଉନ୍ମୋଚନ କରିଥିଲେ। ଏହି ଉତ୍ସବରେ ପ୍ରଦର୍ଶିତ ଚିତ୍ରକଳା, ପଟ୍ଟଚିତ୍ର, କାଷ୍ଠକଳା, ବାଲୁକା କଳା ଓ କଂସାପିତଳ କଳାର ସମ୍ଭାରକୁ କଳାପ୍ରେମୀମାନେ ମନଭରି ଉପଭୋଗ କରିଛନ୍ତି। ପୁରୀର ବାଲୁକାଶିଳ୍ପୀ ଜନ ଗାଂଗୁଲି ଓ କୋଣାର୍କର ବାଲୁକାଶିଳ୍ପୀ ସରିତା ଗୋଚ୍ଛାୟତ ଯାତ୍ରୀନିବାସ ପରିସରରେ ବାଲୁକାକଳା ପ୍ରଦର୍ଶନ କରିଛନ୍ତି। ସାହିତ୍ୟ ସଭାମଂଚ ଚାରିପଟେ କୋଣାର୍କର ଚିତ୍ରଶିଳ୍ପୀ ବର୍ଣ୍ଣାଳୀ ଶତପଥୀ, ଭୁବନେଶ୍ୱରର ଚିତ୍ରଶିଳ୍ପୀ ଗାୟତ୍ରୀ ମାବୁରୁ, ସୁଶୋଭନା ପାତ୍ର, ଲିପ୍ସିତା ଖୁଣ୍ଟିଆ, ଗୋପାଳ ରାୟ, ମୁକ୍ତିପଦ ନନ୍ଦୀ, ମାନସ ରାୟ, ସୌମ୍ୟରଂଜନ ପାତ୍ର, ପ୍ରସନ୍ନ ସ୍ୱାଇଁ, ସପତସି ନନ୍ଦୀ, ଆରୁଷି ଗୌରବ ନାୟକ, ଜ୍ୟୋତି ରଥ, ସମ୍ପର୍ଣ୍ଣା ପଟ୍ଟନାୟକ, ସୁଧୃତି ପଡିଆରୀ, ମୌସୁମୀ ପଟ୍ଟନାୟକ, ହିମାଂଶୁ ନାୟକ, ପଟ୍ଟଚିତ୍ର ଶିଳ୍ପୀ ନୀଳମାଧବ ସାହୁ, କାଷ୍ଠକଳା ଶିଳ୍ପୀ ଅଭିରାମ ଦାସ ଓ କଂସାପିତଳ ଶିଳ୍ପୀ ଦଣ୍ଡପାଣି ସାହୁ ନିଜସ୍ୱ କଳାକୃତିର ପ୍ରଦର୍ଶନ କରିଛନ୍ତି। ସଭାପରେ ଓଡିଶୀ ନୃତ୍ୟଶିଳ୍ପୀ କୁମାର ଭୀମସେନ ଓ ରୋଜାଲିନ ପରିଡା ଓଡିଶୀ ନୃତ୍ୟ ଏବଂ କୁମାରୀ ରାଜଲକ୍ଷ୍ମୀ ଓ ତାଙ୍କ ସହଯୋଗୀ କଳାକାରମାନେ ମାହାରି ନୃତ୍ୟ ପରିବେଷଣ କରିଥିଲେ। ଅଧ୍ୟାପକ ଡ. ମୃତ୍ୟୁଞ୍ଜୟ ରଥ ସାହିତ୍ୟସଭାକୁ ମଂଚରେ ସଂଯୋଜନା କରିଥିଲେ। ରବିବାର ଉତ୍ସବର ଉଦଯାପନୀ ଦିବସରେ କବିତା, ଗଳ୍ପ ପଠନ ଓ ପୁସ୍ତକ ସମୀକ୍ଷା କାର୍ଯ୍ୟକ୍ରମରେ ୫୦ଜଣ କବି, ଲେଖକ ଓ ସମୀକ୍ଷକ ଯୋଗଦେବେ।

# ମନ୍ତ୍ରୀ ଦିବ୍ୟଶଙ୍କର ମିଶ୍ରଙ୍କ ବିଳମ୍ବିତ ବିବୃତି ନୁଖୁରା କଥା




ଭୁବନେଶ୍ୱର (ପିଏନ୍)- ମନ୍ତ୍ରୀ ମହୋଦୟଙ୍କ ବିବୃତି ଯେତିକି ହାଲୁକା ସେତିକି ଅର୍ଥହୀନ। ଦିୱାନୀ ଆଇନ କହେ ଯେ ଯଦି କୌଣସି ଅଭିଯୋଗ ନିର୍ଦ୍ଦିଷ୍ଟ ଭାବେ ଖଣ୍ଡନ ନ ହୁଏ ତା' ହେଲେ ତାହା ସ୍ୱୀକାରୋକ୍ତି ଭାବରେ ବିଚାର କରାଯାଏ। ଶ୍ରୀ ମିଶ୍ର ତାଙ୍କ ବିରୋଧରେ ଆସିଥିବା କୌଣସି ଅଭିଯୋଗକୁ ନିର୍ଦ୍ଦିଷ୍ଟ ଭାବେ ଖଣ୍ଡନ କରିନାହାଁନ୍ତି। ତାଙ୍କ ବିରୋଧରେ ଅଭିଯୋଗ ଗୁଡ଼ିକ ହେଲା। କ) ଆପଣ ଆପଣଙ୍କ ରାୟପୁର ବାସଭବରେ ଅଭିଯୁକ୍ତ ଗୋବିନ୍ଦ ସାହୁ ଓ ଅଧାପିକା ମମିତା ମେହେରଙ୍କୁ ଡକାଇ ଆପୋଷ ବୁଝାମଣା ଉଦ୍ୟମ କରିଥିଲେ। ଖ) ଆପଣ ମହାଲିଙ୍ଗ ସ୍ଥିତ ସନ୍‌ସାଇନ୍ ଶିକ୍ଷାନୁଷ୍ଠାନରେ ବହୁ ରାତ୍ରି ଯାପନ କରିଛନ୍ତି। ଗ) ମମିତା ମେହେରଙ୍କ ହତ୍ୟାପରେ ଅକ୍ଟୋବର ୮ ପରେ ହତ୍ୟାକାରୀ ଗୋବିନ୍ଦ ସାହୁ ଆପଣଙ୍କ ସହ ବାର୍ତ୍ତାଳାପ କରିଛନ୍ତି ଯାହାର ଅଡିଓ କ୍ଲିକ ପୋଲିସଙ୍କୁ ଦିଆଯାଇଛି। ଏଥି ମଧ୍ୟରୁ କୌଣସି ଗୋଟିକର ସ୍ୱଷ୍ଟ ଭାବେ ଖଣ୍ଡନ କରିନାହାଁନ୍ତି। ଉପରଠାଉରିଆ ଭାବେ କହିଛନ୍ତି। ଅତଏବ ପରୋକ୍ଷରେ ଏଗୁଡ଼ିକ ଆପଣ ସ୍ୱୀକାର କରିଛନ୍ତି। ଆପଣ ଦର୍ଶାଇଛନ୍ତି ଯେ ଆପଣଙ୍କ ପରିବାର ତରଫରୁ ମାନହାନି ମୋକଦ୍ଦମା କରିଛନ୍ତି। ନିଜେ କରିନାହାଁନ୍ତି। ଆପଣଙ୍କ ମାନହାନି ହୋଇଥିବାର ଅନୁଭବ କରିଥିବାରୁ ଆପଣ ନିଜେ ମୋକଦ୍ଦମା କରିଲେ ନାହିଁ କାହିଁକି? ଆମର ଫୌଜଦାରୀ ଆଇନ କହେ ଯେ ଯେଉଁ ବ୍ୟକ୍ତିଙ୍କର ସମ୍ମାନହାନି ହେଲା ବୋଲି ହୃଦବୋଧ କରିବେ ସେ ହିଁ ମାନହାନି ମୋକଦ୍ଦମା କରିପାରିବେ। ସୁତରାଂ ଆପଣଙ୍କ ପଦକ୍ଷେପ ଆଇନ ସିଦ୍ଧ ନୁହେଁ। ଅଧିକଂ଼ୁ ଫୌଜଦାରୀ ଆଇନ ଧାରା ୧୯୯ ଓ ଉପଧାରା (୨) କହେ ଯେ ଯଦି ଜଣେ ମନ୍ତ୍ରୀଙ୍କର ମାନହାନି ହୁଏ ତେବେ ସରକାର ତାଙ୍କ ପକ୍ଷରୁ ସେସନ୍ସ କୋର୍ଟରେ ମାମଲା ରୁଜ କରିପାରିବେ। ତାହା ହୋଇନାହିଁ କାହିଁକି? ଏଥିରୁ ସ୍ୱଷ୍ଟ ଯେ ସରକାର ଆପଣଙ୍କ ସହ ନାହାଁନ୍ତି। ଅପକର୍ମ ପାଇଁ ଆପଣ ଏକାକୀ। ଆପଣ କେତେକ ଗଣମାଧ୍ୟମ ବିରୋଧରେ ମାନହାନି ମୋକଦ୍ଦମା ରୁଜୁ କରିଛନ୍ତି। ଏହା ଅତ୍ୟ' ଦୁର୍ଭାଗ୍ୟଜନକ। ଏହା ଗଣମାଧ୍ୟମର ସ୍ୱାଧୀନତା ଉପରେ ଆକ୍ରମଣ। ଗଣତନ୍ତ୍ରର କଣ୍ଠରୋଧ ପାଇଁ ହୀନ ଉଦ୍ୟମ। ଏହା କ୍ଷମତାର ଔଦ୍ଧତ୍ୟର ପରିଚାୟକ। କଂଗ୍ରେସ ଏହାର ନିନ୍ଦା କରୁଛି। ଏହା ଜଣାଶୁଣା କଥା ଯେ ପ୍ରାୟ ଅପରାଧିମାନେ ନିଜକୁ ନିର୍ଦ୍ଦୋଶ ବୋଲି ଦାବି କରନ୍ତି। କିଂ଼ୁ ପରେ ତଦ'ରେ ଦୋଷି ପ୍ରମାଣିତ ହୁଅନ୍ତି। ବହୁଚର୍ଚ୍ଚିତ ରାମ- ରହିମ ଓ ଆଶାରାମ ବାପୁଙ୍କ କାହାଣୀ ଏହାର ଜ୍ୱଳ' ଉଦାହରଣ। ସୁତରାଂ ଆପଣ ନିର୍ଦ୍ଦୋଶ ବୋଲି ଦାବି କରିବା ନିହାତି ପିଲାଳିଆମି। ଶେଷରେ ମନ୍ତ୍ରୀ ମହୋଦୟ ବିବୃତିରେ ଦୋଷ ପ୍ରମାଣ କରର ଆହ୍ୱାନ ଦେଇଛନ୍ତି। ଆପଣ ଘରୋଇ ବିଭାଗର ମନ୍ତ୍ରୀ, ଦୋଷ ପ୍ରମାଣ କରିବା ଦାୟିତ୍ୱ ପୋଲିସର। ଅର୍ଥାତ ଆପଣଙ୍କର କ'ଣ ଦୋଷ ପ୍ରମାଣ ନକରି ଆହ୍ୱାନ ଦେଇଛନ୍ତି କାହାକୁ? ମନ୍ତ୍ରୀଙ୍କର ଏପରି ଆହ୍ୱାନ ହାସ୍ୟାସ୍ପଦ। ଅତଏବ ଦିବ୍ୟ ଶଙ୍କର ମିଶ୍ର ବାବୁ ଦିବ୍ୟ ବଚନରୁ ବିରତ ରହି, ମନ୍ତ୍ରୀ ପଦରୁ ଇସ୍ତଫା ଦିଅନ୍ତୁ। ତଦ'ର ସାମନା କରଂ଼ୁ, ନିଜକୁ ନିର୍ଦ୍ଦୋଷ ପ୍ରମାଣ କରନ୍ତୁ। କଂଗ୍ରେସର ଏହି ସାମ୍ବାଦିକ ସମ୍ମିଳନୀରେ ବରିଷ୍ଠ ପିସିସି ଉପସଭାପତି ଡକ୍ଟର ଦେବାଶିଷ ପଟ୍ଟନାୟକ ଓ ସ୍ତମ୍ଭକାର ତଥା ପିସିସି ମୁଖପାତ୍ର ଅମୀୟ ପାଣ୍ଡବ ଉପସ୍ଥିତ ଥିଲେ।


# DISPLAY CLASSIFIED

FOR ADVERTISEMENT CONTACT
Phone No. (0674) 2555116/9853400829
Fax: (0674) 2550504
E-mail : paryabekhyak@gmail.com
editorpbkc@gmail.com

TARIFF: 10c.m.x 4cm: Rs.8,000/- (One Month)
10c.m.x 4cm: Rs. 350/- (One day)
5c.m.x 4cm: Rs. 5,000/- (One Month)
5c.m.x 4cm: Rs. 200/- (One day)

VED BHAWAN
Creating Peace, Progress & Prosperity
For all Vedic Performances like Rudravishek, Mahalaxmi Pujan, Grahashanti Anusthan, Chandipatha, Vishnu Sahasranama Patha, Birthday Celebration, Griha Prabesh, Vastu Pujan, Bhumi Pujan, Astrological Consultation & Prediction etc.
DO YOU NEED PUNDITS/ASTROLOGERS/VASTU EXPERTS ?
Contact
Near Mukteswar Temple,
Sarbodaya Nagar, Puri.
N-3, B-14/15, MPS Campus, Nayapalli, Bhubaneswar
Ph. 0674-2550786, Fax : 0674-2550504
Email.: yagyaanusthan@sify.com

ADMISSION ON
MPS PLAY HOME
Where awareness nurtured, innocence blossoms.
For
PRE-NURSERY, NURSERY, L.K.G. & U.K.G.
N-3B-14/15, Ekamra Kanan Road,Nayapalli, BBSR
Tel : (0674) 2556225, 2558884, Fax : 2550504
Email : maharishipublicschool@yahoo.com
Web : www.maharishipublicschool.com

Pragyan Communication

Mahaditya Publication

ADMISSION ON
MAHARISHI PUBLIC SCHOOL
your gateway to complete education
For
PRE-NURSERY, NURSERY, L.K.G., U.K.G., Std-1 to Std-VIII
Baghra Road, Baripada
Tel-06792-255227
Email : maharishipublicschool@yahoo.com
Web : www.maharishipublicschool.com


# ତୁଳସୀ ମହିଳା ମହାବିଦ୍ୟାଳୟରେ ଛାତ୍ରୀ ଅଶାନ୍ତି



କେନ୍ଦ୍ରାପଡ଼ା (ପିଏନ୍): କିଛିଦିନ ଧରି ତୁଳସୀ ମହିଳା ମହାବିଦ୍ୟାଳୟର ଛାତ୍ରୀମାନେ ଅନଲାଇନରେ ପରୀକ୍ଷା ଦେଉଥିଲେ। କିନ୍ତୁ ଆସନ୍ତା ୧୬ ତାରିଖଠାରୁ +୩ ଶ୍ରେଣୀର ଯେଉଁ ଚତୁର୍ଥ ସେମିଷ୍ଟାର ପରୀକ୍ଷା ଆରମ୍ଭ ହେବ ତାହା ପୂର୍ବଭଳି ଅଫଲାଇନରେ ହେବବୋଲି ଉତ୍କଳ ବିଶ୍ୱବିଦ୍ୟାଳୟ ପକ୍ଷରୁ ନିଷ୍ପତ୍ତି ନିଆଯାଇଥିବାରୁ ଏହା ବିରୋଧରେ ମହାବିଦ୍ୟାଳୟର ଛାତ୍ରୀମାନେ ପ୍ରତିବାଦ କରି ମହାବିଦ୍ୟାଳୟ ମୁଖ୍ୟ ଫାଟକ ପାଖରେ ଗତ ମଙ୍ଗଳବାର ବିକ୍ଷୋଭ କରିଥିଲେ। ପ୍ରାୟ ଏକ ଘଣ୍ଟାକାଳ ଏହି ଆନ୍ଦୋଳନ ଚାଲିବାପରେ ମହାବିଦ୍ୟାଳୟର ଅଧକ୍ଷ ରଞ୍ଜିତ ରଞ୍ଜନ ସାହୁ ଛାତ୍ରୀପ୍ରତିନିଧି ମାନଙ୍କୁ ତାଙ୍କ ପ୍ରକୋଷ୍ଠକୁ ଡକାଇ ଏକ ପ୍ରତିବାଦପତ୍ର ଲେଖାଇ ନେଇ ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷଙ୍କ ପାଖକୁ ଏହାର ପୁନର୍ବିଚାର କରିବାପାଇଁ ପଠାଇବାକୁ ପ୍ରତିଶ୍ରୁତି ଦେବାରୁ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଥିଲା।

## ଜନଶକ୍ତି ପାର୍ଟିର ଗୋଦାବରିଶ ଜୟନ୍ତୀ



କେନ୍ଦ୍ରାପଡ଼ା (ପିଏନ୍): ଜନଶକ୍ତି ପାର୍ଟି ପକ୍ଷରୁ ପଣ୍ଡିତ ଗୋଦାବରିଶ ମିଶ୍ରଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ପାର୍ଟିର ରାଜ୍ୟ ସଭାପତି ଆଇନଜୀବୀ ପ୍ରଦୀପ ଦାଶଙ୍କ ସଭାପତିତ୍ୱରେ ସ୍ଥାନୀୟ ଗରାପୁରଠାରେ ଜୟନ୍ତୀ ପାଳିତ ହୋଇଛି। ଅର୍ଦ୍ଧ ଶତାବ୍ଦୀର ବିନ୍ଧାଣି ଶ୍ରୀ ମିଶ୍ର ଜଣେ ଏକା ଧାରରେ ସ୍ୱାଧିନତା ସଂଗ୍ରାମୀ, ବିଶିଷ୍ଟ ସାହିତ୍ୟିକ, ଶିକ୍ଷାବିତ, ନବ ଉତ୍କଳ ନିର୍ମାତା ଗୋପବନ୍ଧୁଙ୍କ ପଞ୍ଚସଖା ମଧ୍ୟରୁ ଅନ୍ୟତମ ଥିଲେ। ଷଢେଇକଳା ଖରସୁଆଁ ଆନ୍ଦୋଳନ ଏବଂ ଓଡିଆ ଭାଷାର ପ୍ରଚାର ପ୍ରସାର କ୍ଷେତ୍ରରେ ବିନ୍ଧାଣୀ ଥିବା ଶ୍ରୀ ଦାଶ କହିଥିଲେ। ପ୍ରଚାର କମିଟି ଅଧକ୍ଷ ସୂର୍ଯ୍ୟମଣି ପଣ୍ଡା, ଜିଲ୍ଲା ସଭାପତି ଶିକ୍ଷାବିତ୍ ନରୋତ୍ତମ ଜେନା, ବଳଦେବ ସେନା ରାଜ୍ୟ ସମ୍ପାଦକ ଅଲେଖ ନାୟକ, ନାରାୟଣ ମଲ୍ଲିକ, ବିବେକ ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

# ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ଶିକ୍ଷକଙ୍କ ପରଲୋକ



କେନ୍ଦ୍ରାପଡ଼ା (ପିଏନ୍): କେନ୍ଦ୍ରାପଡା ପୌରସଂସ୍ଥା ଅନ୍ତର୍ଗତ ନସଡିପୁର ଗ୍ରାମର ବଳଦେବ ହାଇସ୍କୁଲର ଅବସର ପ୍ରାପ୍ତ ଶିକ୍ଷକ ରାଧାକୃଷ୍ଣ ଦାସଙ୍କର ୯୦ବର୍ଷ ବୟସରେ ଗତ ସୋମବାର କେନ୍ଦ୍ରାପଡା ସରକାରୀ ଡାକ୍ତରଖାନାରେ ପରଲୋକ ହୋଇଯାଇଛି । ସେ ଭାରତ ସ୍କାଉଟର କମିଶନର ଭାବେ କାର୍ଯ୍ୟ କରି ରାଷ୍ଟ୍ରପତି ପୁରସ୍କାର ପାଇଥିଲେ। ସେ କଳା, ବିଜ୍ଞାନ ଓ କ୍ରୀଡା ବିଷୟରେ ଶିକ୍ଷାଦାନ ଦେଉଥିଲେ । ପୁରୀ ସ୍ୱର୍ଗଦ୍ୱାରରେ ତାଙ୍କର ଅନ୍ତିମ ସଂସ୍କାର କରାଯାଇଛି । ମୃତ୍ୟୁ ଶଯ୍ୟା ନିକଟରେ ତାଙ୍କ ଧର୍ମପତ୍ନୀ ପ୍ରେମଲତା, ଜ୍ୟେଷ୍ଠପୁତ୍ର ଗୌରକୃଷ୍ଣ, କନିଷ୍ଠ ପୁତ୍ର ଗୋପାଳ କୃଷ୍ଣ, ଝିଅ ରଞ୍ଜୁବାଳା, ହରପ୍ରିୟା, ଲକ୍ଷ୍ମୀପ୍ରିୟା ଓ ନାତିନାତୁଣୀମାନେ ଉପସ୍ଥିତ ଥିଲେ। ତାଙ୍କ ମରଶରୀରକୁ ବଳଦେବ ହାଇସ୍କୁଲକୁ ନିଆଯାଇଥିବା ବେଳେ ସେଠାରେ ପ୍ରଧାନ ଶିକ୍ଷୟତ୍ରୀ ସୁଜାତା ନାୟକଙ୍କ ସମେତ ଶିକ୍ଷକ ଓ ଶିକ୍ଷୟତ୍ରୀମାନେ ପୁଷ୍ପଗୁଚ୍ଛ ପ୍ରଦାନ କରି ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ। ପୂର୍ବତନ ପୌରପାଳ ଧିରେନ ସାହୁ, ଗୋପାଳକୃଷ୍ଣ ଜେନା, ଡା. ନିରଞ୍ଜନ ପରିଡା, ବଳଦେବ ଜେନା, ଜ୍ୟୋତିର୍ମୟ ଦାସ, ରେବତୀ ରମଣ ଦାସ, ବିଜୟ କୁମାର ଦାସ, ସୁନୀଲ କୁମାର ଦାସ, ଗୌତ୍ତମ ସ୍ୱାଇଁ, ନୃସିଂହ ଚରଣ ତ୍ରିପାଠୀ ପ୍ରମୁଖ ବହୁ ବିଶିଷ୍ଟ ବ୍ୟକ୍ତି ଉପସ୍ଥିତ ଥିଲେ। ତାଙ୍କ ବିୟୋଗରେ ନସଡିପୁର ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି । ପୁରୀ ସ୍ୱର୍ଗଦ୍ୱାରରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ କରାଯାଇଛି।

# ବାଇକ୍ ଧକ୍କାରେ ଜଣେ ମୃତ, ୩ ଗୁରୁତର

ଧର୍ମଶାଳା (ପିଏନ୍): ଧର୍ମଶାଳା ଥାନା ଅନ୍ତର୍ଗତ କାଏମା-ଶାନ୍ତିବଜାର ରାସ୍ତାର ଉତ୍ତର ଶାସନ ଗାଁ ସମ୍ମୁଖରେ ଗତ ସୋମବାର ରାତି ପ୍ରାୟ ସାଢେ ୧୦ଟାରେ ଏକ ବାଇକ୍ ଧକ୍କାରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି । ମୃତକ ହେଲେ କୁଆଖିଆ ଥାନା ଓଡିଶୋ ଅଣ୍ଡେଇହୁଡା ଗ୍ରାମର ରଂଜନ କୁମାର ପ୍ରଧାନ(୪୦) । ସେହିପରି ଏହି ଦୁର୍ଘଟଣାରେ ବାମଦେଇପୁର ଗ୍ରାମର ବଟକୃଷ୍ଣ ସାହୁ(୫୫), ଉତ୍ତର ଶାସନ ଗ୍ରାମର ଅନ' ଚରଣ ବିଶ୍ୱାଳ(୩୮) ଓ ନିଆଳି ଅଞ୍ଚଳର ମଙ୍ଗୁ(୩୨) ଆହତ ହୋଇ ଚିକିତ୍ସିତ ହେଉଛନ୍ତି । ପ୍ରକାଶ ଯେ, ବଡକାଏମା ପଞ୍ଚାୟତ ନାଉପାଳ ଗ୍ରାମରେ ହେଉଥିବା ଏକାଦଶାହ ଭୋଜି କାମ ସାରି ରୋଷେୟା ରଂଜନ ଓ ସହଯୋଗୀ ବଟକୃଷ୍ଣ ସାଇକେଲ୍‌ରେ ଘରକୁ ଫେରୁଥିଲେ । ଏହି ସମୟରେ ଦୃତ ଗତିରେ ଆସୁଥିବା ଏକ ବାଇକ୍ ସେମାନଙ୍କୁ ପଛ ପାର୍ଶ୍ୱରୁ ଧକ୍କା ଦେଇଥିଲା । ଏଥିରେ ରଂଜନଙ୍କ ସମେତ ବାଇକ୍ ଚାଳକ ମଙ୍ଗୁ, ତାଙ୍କ ପଛରେ ବସିଥିବା ଅନ' ଓ ବଟକୃଷ୍ଣ ଆହତ ହୋଇଥିଲେ । ତୁର' ସେମାନଙ୍କୁ ଧର୍ମଶାଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇ ଥିଲା । ଅବସ୍ଥା ଗୁରୁତର ଥିବାରୁ ପ୍ରାଥମିକ ଚିକିତ୍ସା ପରେ ରଂଜନ, ମଙ୍ଗୁ ଓ ଅନ'ଙ୍କୁ କଟକ ବଡ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଥିଲା । ତେବେ ଚିକିତ୍ସାଧୀନ ଅବସ୍ଥାରେ ରଂଜନଙ୍କ ସେଠାରେ ଆଜି ମୃତ୍ୟୁ ଘଟିଥିବା ବେଳେ ମଙ୍ଗୁଙ୍କ ଅବସ୍ଥା ସଂକଟାପନ୍ନ ଥିବା ଜଣାପଡିଛି । ଖବରପାଇ ପୁଲିସ୍ ଘଟଣାର ତଦନ୍ତ ଆରମ୍ଭ କରିଛି ।




# ରନ୍ଧନ ଗ୍ୟାସ ଓ ତୈଳ ଦର ସମେତ ଅତ୍ୟାବଶ୍ୟକ ସାମଗ୍ରୀ ଦର ବୃଦ୍ଧି ବିରୁଦ୍ଧରେ ବିଜୁ ମହିଳା ଜନତା ଦଳ ର ବିକ୍ଷୋଭ, ଜିଲ୍ଲାପାଳଙ୍କ ଜରିଆରେ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ଦାବୀପତ୍ର



କେନ୍ଦୁଝର,(ପି.ଏନ): ଭାରତୀୟ ଜନତା ପାର୍ଟି ନେତୃତ୍ୱାଧିନ କେନ୍ଦ୍ର ସରକାର ଅତ୍ୟାବଶ୍ୟକ ସାମଗ୍ରୀ ଦର ନିୟନ୍ତ୍ରଣରେ ବିଫଳ ହୋଇଥିବାବେଳେ ରନ୍ଧନ ଗ୍ୟାସ,ପେଟ୍ରୋଲ,ଡିଜେଲ ଦର ଏବଂ ଅତ୍ୟାବଶ୍ୟକ ସାମଗ୍ରୀର ଅହେତୁକ ଦର ବୃଦ୍ଧି ଯୋଗୁଁ ଓଡିଶାର ସାଢେ ୪ କୋଟି ଲୋକ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏହାର ପ୍ରତିବାଦରେ ସୋମବାର ଅପରାହ୍ନରେ ବିଜୁ ମହିଳା ଜନତା ଦଳ ସଦର ନିର୍ବାଚନ ମଣ୍ଡଳୀ ପକ୍ଷରୁ ବିରାଟ ଶୋଭାଯାତ୍ରା କରାଯିବା ସହ ଜିଲ୍ଲାପାଳଙ୍କ ଜରିଆରେ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ଏକ ଦାବୀପତ୍ର ପ୍ରଦାନ କରାଯାଇଛି। ବିଗତ ୨୦୧୬-୧୭ ମସିହାରେ ଘରୋଇ ରନ୍ଧନ ଗ୍ୟାସ ଦର ୫୪୯ ଟଙ୍କା ୬୯ ପଇସା ରହିଥିଲା। ଏହି ଦର ୨୦୨୧ ଜୁଲାଇ ମାସ ବେଳକୁ ୮୨୧ ଟଙ୍କା ୭୫ ପଇସାରେ ପହଞ୍ଚିଥିଲା। ବର୍ତ୍ତମାନ ଏହା ୧ ହଜାର ଟଙ୍କାକୁ ଛୁଇଁବାକୁ ବସିଲାଣି। ଦିନକୁ ଦିନ ଗ୍ୟାସ ଦର ବୃଦ୍ଧି କାରଣରୁ ପରିବାର ଚଳାଇବା କଷ୍ଟକର ହୋଇ ପଡିଲାଣି। କେବଳ ଗ୍ୟାସ ଦର ନୁହଁ, ପେଟ୍ରୋଲ ଦର ୧୧୨ ଟଙ୍କା ଛୁଇଁଲାଣି। ସେପଟେ ଡିଜେଲ ଦର ମଧ୍ୟ ତୁହାକୁ ତୁହା ବଢି ଚାଲିଛି। ଫଳରେ ବିଭିନ୍ନ ଅତ୍ୟାବ୍ୟକୀୟ ସାମଗ୍ରୀ ଯଥା- ଖାଇବା ତେଲ,ଡାଲି,ପିଆଜ ଦର ମଧ୍ୟ ଆକାଶଛୁଆଁ ହୋଇ ସାରିଛି। କେନ୍ଦ୍ରରେ ବିଜେପି ନେତୃତ୍ୱାଧିନ ସରକାର ହେବା ଦିନଠାରୁ ୨୦୨୦-୨୧ ଓ ୨୦୨୧-୨୨ ବର୍ଷର ବର୍ତ୍ତମାନ ପର୍ଯ୍ୟନ୍ତ ୪୪ ପ୍ରତିଶତ ଦର ବୃଦ୍ଧି ଘଟିଲାଣି। ଏଭଳି ପରିସ୍ଥିତିରେ ସାଧାରଣ ଲୋକ ତା'ର ପରିବାର ପ୍ରତିପୋଷଣ କରିବାରେ ଘୋର ଅସୁବିଧାର ସମ୍ମୁଖୀନ ହେଉଛି। ବିଶେଷ କରି ଗୃହିଣୀମାନେ ପରିବାର ଚଳାଇବାରେ ବିଭିନ୍ନ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। କେନ୍ଦ୍ରରେ ଭାଜପା ସରକାର ଦର ଦାମ ନିୟନ୍ତ୍ରଣ କରିବାରେ ବିଫଳ ହୋଇଛି। ତେଣୁ ଓଡିଶାର ସାଢେ ୪ କୋଟି ଜନସାଧାରଣ ଘୋର ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏହାକୁ ବିଜୁ ମହିଳା ଜନତା ଦଳ କେନ୍ଦୁଝର ସଦର ନିର୍ବାଚନ ମଣ୍ଡଳୀ ପକ୍ଷରୁ ଘୋର ପ୍ରତିବାଦ କରାଯାଇଥିବାବେଳେ ମହାମହିମ ରାଷ୍ଟ୍ରପତି ଏ ଦିଗରେ ଆବଶ୍ୟକ ପଦକ୍ଷେପ ନେବାକୁ ଦଳ ପକ୍ଷରୁ ଦାବୀ କରାଯାଇଛି। ବିଜୁ ମହିଳା ଜନତା ଦଳ ସଦର ନିର୍ବାଚନ ମଣ୍ଡଳୀର ନେତ୍ରୀ ଓ କର୍ମୀମାନେ କେନ୍ଦୁଝର ଥାନା ଛକଠାରେ ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତି ପାଖରୁ ଏକ ଶୋଭାଯାତ୍ରାରେ ବାହାରି କେନ୍ଦ୍ର ସରକାରଙ୍କ ବିଫଳତାକୁ ସ୍ଲୋଗାନ ମାଧ୍ୟମରେ ପ୍ରତିଫଳନ କରିଥିଲେ। କର୍ମୀମାନେ ସହର ପରିକ୍ରମା କରିବା ପରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଏକ ପଥପ୍ରାନ୍ତ ସଭାର ଆୟୋଜନ କରାଯାଇଥିଲା। ବିଜୁ ମହିଳା ଜନତା ଦଳ ଜିଲ୍ଲା ସଭାନେତ୍ରୀ ରମଣୀ ନାଏକ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ପରେ ପରେ ଏକ ପ୍ରତିନିଧି ଦଳ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ଜିଲ୍ଲାପାଳଙ୍କୁ ଦାବୀପତ୍ର ପ୍ରଦାନ କରିଥିଲେ। ଏହି ଗଣଧାରଣା ଓ ପ୍ରତିବାଦ ସଭାରେ ଅନ୍ୟମାନଙ୍କ ମଧ୍ୟରେ ବିଜେଡି ର ସଦର ନିର୍ବାଚନ ମଣ୍ଡଳୀ ପର୍ଯ୍ୟବେକ୍ଷକ ମହମ୍ମଦ ମୋବିନ,ସଦର ନିର୍ବାଚନ ମଣ୍ଡଳୀ ଓ ପାଟଣା ନିର୍ବାଚନ ମଣ୍ଡଳୀ ପର୍ଯ୍ୟପେକ୍ଷକ କିଶୋର ତରେଇ,କେନ୍ଦୁଝର ସାଂସଦ ଚନ୍ଦ୍ରାଣୀ ମୁର୍ମୁ,ପାଟଣା ବିଧାୟକ ଜଗନ୍ନାଥ ନାଏକ,ଜିଲ୍ଲା ପରିଷଦ ଅଧ୍ୟକ୍ଷା କମଳିନୀ ପାତ୍ର,ବିଜେଡି ଜିଲ୍ଲା ସଭାପତି ମାଧବ ସର୍ଦ୍ଦାର,ପୂର୍ବତନ ଜିଲ୍ଲା ସଭାପତି ଆଶିଷ ଚକ୍ରବର୍ତ୍ତୀ,ରାଜ୍ୟ ଯୁବ ବିଜେଡି ଉପସଭାପତି ସୌମ୍ୟଶଙ୍କର ଚକ୍ର,ବିଜେଡି ନେତ୍ରୀ ମିନା ମାଝୀ,ଲକ୍ଷ୍ମୀ ନାଏକ,ଲତିକା ଦେହୁରୀ,କୁମୁଦିନି ସାହୁ,ସୁରଥି ଘଣା,ବିଜେଡି ଜିଲ୍ଲା ଉପସଭାପତି ପ୍ରମୋଦ ପଟ୍ଟନାୟକ,ନଗର ସଭାପତି ପୂର୍ଣ୍ଣଚନ୍ଦ୍ର ସାହୁ,ସଦର ବ୍ଲକ ସଭାପତି ଚକ୍ରଧର ପରିଡା,ଯୁବ ବିଜେଡି ଉପସଭାପତି ଜଗଦୀଶ ଆପଟ୍ଟ,ଛାତ୍ର ବିଜେଡି ଜିଲ୍ଲା ସଭାପତି ଅବିନାଶ ପଟ୍ଟନାୟକ,ବିଜେଡି ଅନୁସୂଚିତ ଜାତି ସେଲ ସଭାପତି ଭରତ ଚନ୍ଦ୍ର ପାତ୍ର,ଜିଲ୍ଲା ପରିଷଦ ସଦସ୍ୟ ରଥ ମୁଣ୍ଡା ପ୍ରମୁଖ ସାମିଲ ଥିବାବେଳେ ଏକ ହଜାରରୁ ଅଧିକ ବିଜୁ ମହିଳା ଜନତା ଦଳ ନେତ୍ରୀ ଓ କର୍ମୀ ସାମିଲ ଥିଲେ।

## ସ୍ୱୟଂ ସହାୟକ ସଦସ୍ୟା ମାନଙ୍କ ଦକ୍ଷତା ବୃଦ୍ଧି ତାଲିମ୍

ହରିଚନ୍ଦନପୁର,(ପି.ଏନ):କେନ୍ଦୁଝର ଜିଲ୍ଲାର ଅଗ୍ରଣୀ ସ୍ୱେଚ୍ଛାସେବୀ ଅନୁଷ୍ଠାନ ସଂଯୋଗ ଓ ରଙ୍ଗାପାଟ କୃଷକ ଉତ୍ପାଦକ କମ୍ପାନୀ ଜିରାଙ୍କର ମିଳିତ ସହଯୋଗରେ ହରିଚନ୍ଦନପୁର ବ୍ଲକ ପିଠାଗୋଳା ଗ୍ରାମ ପଂଚାୟତର ଶରଧାପଶି ଠାରେ ସ୍ୱୟଂ ସହାୟତ ଗୋଷ୍ଠୀ ସଦସ୍ୟା ମାନଙ୍କ ଦକ୍ଷତା ବୃଦ୍ଧି ତାଲିମ୍ ଶିବିର ଆଜି ତା-୦୧.୧୧.୨୦୨୧ରିଖ ଦିନ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ପ୍ରଶିକ୍ଷଣ ଶିବିରରେ ସମ୍ମାନୀତ ଅତିଥି ଭାବେ ପ୍ରଧାପକ ବିମ୍ବାଧର ବେହାରା, ବରିଷ୍ଠ ସାମ୍ବାଦିକ ନରେଶ ପଟ୍ଟନାୟକ ପ୍ରମୁଖ ଯୋଗ ଦେଇ ମହିଳା ମାନଙ୍କ ପାଇଁ ଥିବା ସରକାରୀ ଯୋଜନା ଯଥା- ବନଧନ ଯୋଜନା କେନ୍ଦ୍ର, ମିଶନ ଶକ୍ତି ଦ୍ୱାରା ସ୍ୱାବଲମ୍ବୀ ହେବା, ଜଙ୍ଗଲ ସୁରକ୍ଷା ସହ ଜଙ୍ଗଲଜାତ ଦ୍ରବ୍ୟରେ ଆଚାର ପ୍ରସ୍ତୁତ, ଧୂପକାଠି ପ୍ରସ୍ତୁତି, ମହୁ ଚାଷ ବିଷୟରେ ବିସ୍ତୃତ ଭାବେ ବୁଝାଇ ଥିଲେ । ସଂଯୋଗର କାର୍ଯ୍ୟକ୍ରମ ପରାମର୍ଶଦାତା ଶ୍ରୀ ଭକ୍ତବତ୍ସଳ ମହାନ୍ତି କହିଲେ ଯେ ଦଳ ଭିତରେ ଏକତା ରଖିବା, ନଥିପତ୍ର ଠିକଣା ଭାବେ ପରିଚାଳନା କରିବା, ବ୍ୟାଙ୍କ୍ ଅଫ୍ ଇଣ୍ଡିଆର ଗ୍ରାମୀଣ ସ୍ୱରୋଜଗାର ପ୍ରଶିକ୍ଷଣ ସଂସ୍ଥାରେ ତାଲିମ୍ ନେଇ ସ୍ୱାବଲମ୍ବୀ ହେବା, ସ୍ଥାନୀୟ କୃଷିଜାତ ଦ୍ରବ୍ୟକୁ ନେଇ ଉତ୍ପାଦିତ କାର୍ଯ୍ୟକ୍ରମ କରିବା ପ୍ରଭୃତି ବିଷୟରେ ବୁଝାଇ ଥିଲେ । ଉକ୍ତ କାର୍ଯ୍ୟକ୍ରମକୁ ସଂଯୋଗ କର୍ମୀ ଦେବାଶିଷ ମହାନ୍ତ, ସ୍ୱୟଂ ସହାୟୀକା ଗୋଷ୍ଠୀ ସୁଷମା ନାଏକ, ଶାନ୍ତିଲତା ପାତ୍ର ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।

## ଝୁମ୍ପୁରା ବ୍ଲକ ୧୬ ଏବଂ ୧୭ ନମ୍ବର ଜୋନର କର୍ମକର୍ତ୍ତା ବୈଠକ

ଝୁମ୍ପୁରା, (ପି.ଏନ): କେନ୍ଦୁଝର ଜିଲ୍ଲା ଝୁମ୍ପୁରା ବ୍ଲକ ଅର୍ନ୍ତଗତ ଖୁଟଂପଡା ପଚାଂୟତ ଅଶୁକୀ ଗ୍ରାମର ଖଳିକୁଣ୍ଡସ୍ଥିତ ଶୈବପୀଠ ପ୍ରାଙ୍ଗଣରେ ଝୁମ୍ପୁରା ବ୍ଲକ ଜୋନ ନଂ-୧୬ ଏବଂ ୧୭ ର ବିଜେଡିର କର୍ମମର୍ତା ବୈଠକ ରବିବାର ଦିନ ଅନୁଷ୍ଠିତ ହୋଇଯାଇଛି । ଝୁମ୍ପୁରା ବ୍ଲକ ବିଜୁ ଜନତା ଦଳର ସଭାପତି ମହମ୍ମଦ କଫିଲ ଆନସାରୀଙ୍କ ସଭାପତିତ୍ୱରେ ସଭାକାର୍ଯ୍ୟ ଅନୁଷ୍ଠିତ ହୋଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ବିଜୁ ଜନତା ଦଳର ଜିଲ୍ଲା ସଭାପତି ତଥା ପୂର୍ବତନ ସାଂସଦ ମାଧବ ସର୍ଦ୍ଦାର, ପାଟଣା ବିଧାୟକ ଜଗନ୍ନାଥ ନାୟକ , ପର୍ଯ୍ୟବେକ୍ଷକ କେନ୍ଦ୍ରାପଡାର ପୂର୍ବତନ ବିଧାୟକ କିଶ୍ୱୋର ତରାଇ, ସହ ପର୍ଯ୍ୟବେକ୍ଷକ ମହମ୍ମଦ ମୋବିନ, ରାଜ୍ୟ କୃଷକ ମୋର୍ଚ୍ଚା ର ଉପସଭାପତି କାନନ ବୀହାରୀ ପୋହି, ପୂର୍ବତନ ଜିଲ୍ଲା ସଭାପତି ଆଶିଷ୍ ଚକ୍ରବର୍ତୀ, ପୂର୍ବତନ ସଦର ବିଧାୟକ ଅଭିରାମ ନାୟକ, ବିଜେଡି ଜିଲ୍ଲା ସମ୍ପାଦକ ରାଧାଗୋବିନ୍ଦ ପଟ୍ଟନାୟକ, ଝୁମ୍ପୁରା ବ୍ଲକ ବିଜୁ ଜନତା ଦଳ ମହିଳା ସଭାପତି ନଳିନୀ ମହାନ୍ତ, ସଦର ବ୍ଲକ ବିଜୁ ଜନତା ଦଳ ର ସଭାପତି ଚକ୍ର ପରିଡା, ଝୁମ୍ପୁରା ବ୍ଲକ ବିଜୁ ଜନତା ଦଳର ଯୁବ ସଭାପତି ହରିଭକ୍ତ କୁନା ଗିରି , ବ୍ଲକ ଉପସଭାପତି କମଳାକାନ୍ତ ଗିରି (ଟୁନା), ପୂର୍ବତନ ଜିଲ୍ଲାପରିଷଦ ସଭ୍ୟ ବାବୁରାମ ନାଏକ,ଝୁମ୍ପୁରା ବ୍ଲକ ବିଜୁ ଜନତା ଦଳର ଛାତ୍ର ସଭାପତି ଭାଗିରଥି ପ୍ରଧାନ, ଜିଲ୍ଲା ଛାତ୍ର ବିଜୁ ଜନତା ଦଳର ସାଧାରଣ ସମ୍ପାଦକ ମହମ୍ମଦ ସଫିକ ପ୍ରମୁଖ ଙ୍କ ସହିତ ଜୋନ ନଂ-୧୬ ର ୯ ଗୋଟି ପଚଂାୟତର କର୍ମକର୍ତା ଏବଂ ୧୭ ନମ୍ବର ଜୋନର ୫ଟି ପଚଂାୟତର କର୍ମକର୍ତା ଯୋଗ ଦେଇଥିଲେ । ପ୍ରତ୍ୟେକ ପଚଂାୟତରୁ ଆସିଥିବା କର୍ମକର୍ତାମାନେ ଆଗାମୀ ନିର୍ବାଚନ ସମ୍ବନ୍ଧରେ ନିଜ ନିଜର ସୁଚିନ୍ତିତ ମତାମତ ରଖିଥିଲେ । ରାଜ୍ୟର ବିକାଶ ଧାର କୁ ପ୍ରତ୍ୟେକ ଅଚଂଳରେ ପହଁଚାଇ ଲୋକମାନଙ୍କ ସୁଖ ଦୁଃଖରେ ସାଥି ହୋଇ ବାଟ ଚାଲିବା ସହ ବିଜୁ ଜନତା ଦଳ କୁ ତୃଣମୂଳସ୍ତରରେ ମଜବୁତ୍ କରିବା ନିମନ୍ତେ କର୍ମକର୍ତାମାନଙ୍କ ସହ ଆଲୋଚନା କରାଯାଇଥିଲା। ଆଗାମୀ ତ୍ରିସ୍ତରୀୟ ପଚଂାୟତ ନିର୍ବାଚନରେ ଦଳର କିପରି ଶହେ ପ୍ରତି ଶତ ବିଜୟ ହୋଇ ପାରିବ ସେ ସମ୍ବନ୍ଧରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରାଯାଇ ରଣନୀତି ପ୍ରସ୍ତୁତ କରାଯାଇଥିଲା। ଏହି କାର୍ଯ୍ୟକ୍ରମ କୁ ସୁଚାରୁ ରୂପେ ପରିଚାଳନା କରିବା ନିମନ୍ତେ ବିଜୁ ଜନତା ଦଳର ସମସ୍ତ ପଚଂାୟତ ସଭାପିତ ,ଛାତ୍ର ସଭାପତି ଓ ଯୁବ ସଭାପତିମାନେ ସହଯୋଗ ରିଥିଲେ।

## ଝୁମ୍ପୁରା ବ୍ଲକ ଓଡିଶା ପ୍ରାଥମିକ ଶିକ୍ଷକ ସଂଘର କର୍ମକର୍ତା ଚୟନ, ସଭାପତି ବିନୋଦ ବିହାରୀ ମହାନ୍ତ,ସମ୍ପାଦକ ତନ୍ମୟ କୁମାର ଗିରି

ଝୁମ୍ପୁରା,(ପି.ଏନ): କେନ୍ଦୁଝର ଜିଲ୍ଲା ଝୁମ୍ପୁରା ବ୍ଲକ ର ଝୁମ୍ପୁରାସ୍ଥିତ ମା'ଦୁର୍ଗତୀ ନାଶିନୀ କାଲ୍ୟାଣ ମଣ୍ଡପ ଠାରେ ଶନିବାର ଦିନ ଝୁମ୍ପୁରା ବ୍ଲକ ର ଓଡିଶା ପ୍ରାଥମିକ ଶିକ୍ଷକ ସଂଘ (ନୂତନ ପେନସନ ଭୁକ୍ତ)ର ନୂତନ କର୍ମକର୍ତା ଚୟନ କରାଯାଇଛି । ଆୟୋଜିତ ବୈଠକରେ ଝୁମ୍ପୁରା ବ୍ଲକର ଓଡିଶା ପ୍ରାଥମିକ ଶିକ୍ଷକ ସଂଘର ସଭାପତି ବିନୋଦ ବିହାରୀ ମହାନ୍ତଙ୍କ ସଭାପତିତ୍ୱରେ କୋଭିଡ-୧୯ ର ସମସ୍ତ ନୀତିନିୟମ ପାଳନ କରାଯାଇ ସଭାକାର୍ଯ୍ୟ ଅନୁଷ୍ଠିତ ହୋଇଥିଲା। ଏହି କର୍ମକର୍ତା ଚୟନ କାର୍ଯ୍ୟକ୍ରମରେ ରାଜ୍ୟ ସଂଘର ଉପସଭାପତି ମନୋଜ କୁମାର ମହାନ୍ତ ଯୋଗ ଦେଇ ଝୁମ୍ପୁରା ବ୍ଲକ ଓଡିଶା ଶିକ୍ଷକ ସଂଘର ନୂତନ କର୍ମକର୍ତା ଚୟନ କରିଥିଲେ। ସଂଘର ସଭାପତି ଭାବେ ବିନୋଦ ବିହାରୀ ମହାନ୍ତ, ଉପସଭାପତି ଭାବେ ବିଜୟ କୁମାର ବେହେରା, ସମ୍ପାଦକ ଭାବେ ତନ୍ମୟ କୁମାର ଗିରି, ଯୁଗ୍ମ ସମ୍ପାଦକ ଭାବେ ବିବେକାନନ୍ଦ ବେହେରା, କୋଷାଧ୍ୟକ୍ଷ ଭାବେ ପ୍ରଦୀପ କୁମାର ମହାନ୍ତ, ମିଡିଆ କୋଡିନେଟର ରାମକୃଷ୍ଣ ମହାନ୍ତ ଏଥି ସହ ୧୨ ଜଣ କ୍ଲଷ୍ଟର ସମ୍ପାଦକ ଭାବେ ଚୟନ କରାଯାଇଛି । ଏହା ପରେ ବୈଠକରେ ଶିକ୍ଷକ ମାନଙ୍କର ବିଭିନ୍ନ ସମସ୍ୟାମାନ ଆଲୋଚନା କରାଯାଇଥିଲା । ଆଗାମୀ ଦିନରେ ଶିକ୍ଷକମାନଙ୍କ ସମସ୍ୟା ଗୁଡିକୁ ସଂଘ ମାଧ୍ୟମରେ ଦୂରୀଭୁତ କରିବାକୁ ସଭାରେ ଆଲୋଚନା କରାଯାଇଥିଲା।

## ବର୍ଦ୍ଧିତ ତୈଳ ଡର ପ୍ରତିବାଦରେ ବିଜୁ ମହିଳା ଜନତା ଦଳ ପକ୍ଷରୁ ପ୍ରତିବାଦ




ଚଣ୍ଡିଖୋଲ, (ପିଏନ )-ଦିନକୁ ଦିନ ତୈଳଦର ସହ ଇଂଧନ ଗ୍ୟାସ ର ଅହେତୁକ ମୂଲ୍ୟ ବୃଦ୍ଧି ପ୍ରତିବାଦରେ ଆଜି ବଡ଼ଚଣା ବିଜୁ ମହିଳା ଦଳ ପକ୍ଷରୁ ବଡ଼ଚଣା ବ୍ଲକ ସମୁଖରେ ପ୍ରତିବାଦ ସଭା ଓ ଧାରଣା ଦିଆଯାଇଥିଲା.ସଭାପତି ସାରସ୍ୱତିବେହେରାଙ୍କ ଅଧକ୍ଷତରେ ବଡ଼ଚଣା ବଙ୍ଗଳା ରୁ ଏକ ବିରାଟ ରାଲିକରି ମହିଳା ମାନେ ବ୍ଲକ ସମୁଖ କୁ ଆସିଥିଲେ.ହାତରେ କେନ୍ଦ୍ର ସରକାରଙ୍କ ବିରୋଧରେ ଲେଖାଥିବା ପ୍ଲାକାର୍ଡ଼ ଓ ତୈଳ ଦର ବୃଦ୍ଧିରେ କେନ୍ଦ୍ର ସରକାରଙ୍କୁ ନିଶାନ କରି ସ୍ଲୋଗାନମାନ ଦେଇ ବ୍ଲକଆଗରେ ପହଂଚିଥିଲେ .ସେଠାରେ ବିଧାୟକ ଅମର ପ୍ରସାଦ ଶତପଥି କେନ୍ଦ୍ର ସରକାରଙ୍କ ଆଚ୍ଛାଦିନ କୁଆଡେ ଗଲା ଓ ଆଜି ଘରେ ଘରେ ବର୍ଦ୍ଧିତ ତୈଳ ଦର ସାଧାରଣ ଲୋକମାନଙ୍କୁ ଖୁବ ବାଧୁଛି କହି ମୋଦି ସରକାରଙ୍କୁ କଟାକ୍ଷ କରିଥିଲେ.ଏଥିରେ ବଡ଼ଚଣା ମିଶନ ଶକ୍ତି ଅଧକ୍ଷ କିଛିନା ମହାପାତ୍ର ,ବ୍ଲକ ପଞ୍ଚଯାତ ସମିତି ଅଧକ୍ଷ ଭାଗ୍ୟଧର ମଲ୍ଲିକ ,ଜିଲ୍ଲା ପରିଷଦ ସଭ୍ୟା ବିନୋଦିନୀ ସାହୁ,ସୁମନ୍ତୀ ବାଶକେ,ସରପଞ୍ଚ ଚାଚାଲୀନ ସ୍ୱାଇଁ ,ସ୍ନେହେଲତା ସ୍ୱାଇଁ ,ପୁଷ୍ପଲତା ନାଥ,ଜିଲ୍ଲା ପରିଷଦ ସଭ୍ୟ ଅରବିନ୍ଦ ସାମଲ ,ଜିଲ୍ଲା ପରିଷଦ ବିପିନ ଜେନା , ନିରଞ୍ଜନ ସେନାପତି ,ସାରଦା ପ୍ରଶନ ମହାନ୍ତି ,ଆଶିଷ ରଞ୍ଜନ ଚୌଧରୀ ଯୁବ ବିଜେଡି ସଭାପତି ଗଣେଶ୍ୱର ବରାଳ ,ସଞ୍ଜୟ ସ୍ୱାଇଁ ,ଆଶିଷ ରଞ୍ଜନ ଚୌଧରୀ ,ଜଗନାଥ ମୁଦୁଲି ପ୍ରମୁଖ ଯୋଗ ଦେଇ କେନ୍ଦ୍ର ସରକାରଙ୍କ ବିରୋଧରେ ନାରା ବାର୍ଜି କରିଥିଲେ.ଶେଷରେ ରାଷ୍ଟ୍ରପତିଙ୍କ ଉଦୟସରେ ଏକ ସ୍ମାରକ ପତ୍ର ବ୍ଲକ ଗୋଷ୍ଠୀ ଉନୟନ ଅଧିକାରୀଙ୍କୁ ପ୍ରଦାନ କରିଥିଲେ।

## ବେଆଇନ ଭାବେ ଚୋରା ଗାଡି କାଟି ୧ ଗିରଫ

ଚଣ୍ଡିଖୋଲ ,(ପିଏନ )-ପୁଣି ଚାଲିଲା ଚଣ୍ଡିଖୋଲ ଛକରେ ବେଆଇନ ଭାବେ ଚୋରା ଗାଡି କଟା .କିଛିଦିନ ତଳେ ଏହି ଚୋରା ଗାଡିକଟାକୁ ନେଇ ଚଣ୍ଡିଖୋଲ ଏକ ପ୍ରକାର ବଦନାମ ହେଇଥିବା ବେଳେ ଏଥି ପ୍ରତି ପୋଲିସ ପକ୍ଷରୁ ଦୃଢ ପଦକ୍ଷେପ ନିଆଯାଇ ଏହି ବେପାରକୁ ବନ୍ଦ କରାଯାଇଥିଲା ଏବେ ପୁଣି ଏହି ଚୋରା ଗାଡିକଟା ପୁଣି ଦେଖିବାକୁ ମିଳିଛି .ଘଟଣାରୁ ପ୍ରକାଶ ଗତ କାଲି ନୟାଗଡ ଜିଲ୍ଲା ଫତେପୁର ନିବାସୀ ଶେଷଦେବ ବରାଡ଼ ନାମକ ବ୍ୟକ୍ତି ବେନିୟମ ଭାବେ ଏକ ଚୋରା ଦଶଚକିଆ ଗାଡି ଯାହାର ନ ଓଡ଼ି ୨୧ ସି ୬୪୧୯ ଚଣ୍ଡିଖୋଲ ନୂଆ ବଜ଼ାର ସ୍ଥିତ ସେକ ଇଲୀଯାସ ଗ୍ୟାରେଜ ରେ ବିଦ୍ୟୁତ କଟର ସାହାଯ୍ୟରେ କାଟୁଥିଲେ.ବିଶେଷ ସୂତ୍ରରୁ ଖବର ପାଇ ବଡ଼ଚଣା ଥାନା ଅଧିକାରୀ ପ୍ରିୟବ୍ରତ ରାଉତ ଓ ଚଣ୍ଡିଖୋଲ ଫାଣ୍ଡି ଅଧିକାରୀ ଚିତ୍ତରଞ୍ଜନ ଜେନା ଗ୍ୟାରେଜରେ ଚଢ଼ାଉ କରି ଉକ୍ତ ଗାଡିର କଟା ଅଂଶ ଓ ବିଦୁ୍ତ କଟର ସହ ଶେଷଦେବ କୁ ଧରିଥିଲେ . ଶେଷଦେବ ପାଖରେ ଗାଡି କାଟିବା ପାଇଁ କୌଣସି କାଗଜ ପତ୍ର ନଥିବାରୁ କେଶ ନ ୪୧୬/୨୧ ରେ ମମାଲା ରୁଜୁ କରି ତାକୁ ଆଜି କୋର୍ଟ ଚାଲାଣ କରିଥିବା ପୋଲିସ ଠାରୁ ସୂଚନା ମିଳିଛି।

## କର୍କଟ ଆକ୍ରାନ୍ତ ୧୦ ବର୍ଷର ବାଳକ କାହ୍ନା ପାଇଁ ଅର୍ଥ ବାଧକ



ଚଣ୍ଡିଖୋଲ ,(ପିଏନ)-ବଡ଼ଚଣା ବ୍ଲକ ଧାନମଣ୍ଡଳ ପଂଚାୟତର ଦେବତାସାହି ର ବିଷ୍ଣୁପଣ୍ଡାଙ୍କ ଏକମାତ୍ର ନାତି (କାହ୍ନ) ଏବେ କର୍କଟ ରୋଗରେ ପୀଡିତ.ଦୀର୍ଘ ୪ ମାସ କାଳ କଟକ ବଡ ମେଡିକାଲରେ ଚିକିତ୍ସା ହେଇଆସୁଛି.କହ୍ନର ବାପା ଶ୍ରୀକାନ୍ତ ପଣ୍ଡା ଚଣ୍ଡିଖୋଲ ରେ ଏକ ପାନ ଦୋକାନ କରି ପରିବାର ପ୍ରତିପୋଷଣ କରିଥାନ୍ତି.ଏକମାତ୍ର ପୁଅ କୁ କର୍କଟ ହେଇଥିବାରୁ ଏବେ ତାଙ୍କ ମୁଣ୍ଡରେ ଚଡକ ପଡିଛି .ପ୍ରଥମରୁ କର୍କଟ ରୋଗକୁ ନିରୂପଣ କରିବାପାଇଁ ନିଜ ସମ୍ବଳ ଅର୍ଥରୁ ଖର୍ଚକରି ପୁଅକୁ କଟକ ବଡମେଡିକାଲରେ ଭର୍ତି କରିଛନ୍ତି .ଡାକ୍ତରଙ୍କ କହିବା ମୁତାବକ କାହ୍ନକୁ ପ୍ରଥମାବସ୍ଥାରେ ଭଲ ମେଡିକାଲରେ ଚିକିଛା କରାଇପାରିଲେ ହୁଏତ ଏହି ରୋଗରୁ ସେ ମୁକ୍ତ ହେଇପାରନ୍ତା .ଅଧିକା ଚିକିଛା ପାଇଁ ଏବେ ତାଙ୍କ ବାପା ଶ୍ରୀକାନ୍ତଙ୍କ ପାଖରେ ଆଉ ଅର୍ଥ ନାହିଁ ଏବେ ପ୍ରତିଦିନ ପୁଅର ବେକ ପାଖରେ ଏକ ଆବୁ ରହି ଅତ୍ୟନ୍ତ ଯନ୍ତ୍ରଣା ଦେଉଛି.ସରକାରଙ୍କ ତରଫରୁ କିମ୍ବା କୌଣସି ବଦାନ୍ୟ ବ୍ୟକ୍ତି କାହ୍ନର ଚିକିତ୍ସା ପାଇଁ ଆଗେଇଆସିବାକୁ ଆଗାମୀ ବଡ଼ଚଣା ଫାଉଂଡେସନ, ଧାନମଣ୍ଡଳର ର ଅଧକ୍ଷ ଅମ୍ବୁଜ କୁମାର ରାଉତ ଅନୁରୋଧ କରିଛନ୍ତି।

## ମୟୂରଭ କଲେଜ ଅଫ୍ ଏକାଉନଟେନସି ଏଣ୍ଡ ମେନେଜମେଣ୍ଟରେ ରାଷ୍ଟ୍ରୀୟ ଏକତା ଦିବସ ପାଳିତ




ବାରିପଦା (ପି.ଏନ): ସ୍ଥାନୀୟ ମହାରାଜପୁରସ୍ଥିତ ମୟୂରଭ କଲେଜ ଅଫ୍ ଏକାଉନଟେନସି ଏଣ୍ଡ ମେନେଜମେଣ୍ଟରେ ଆଜି ରାଷ୍ଟ୍ରୀୟ ଏକତା ଦିବସ କଲେଜର ଅଧକ୍ଷ ପ୍ରଦୀପ କୁମାର ନାୟକଙ୍କ ପୌରହିତ୍ୟରେ ପାଳିତ ହୋଇଯାଇଛି । ଏଥିରେ କଲେଜର ଉପାଧକ୍ଷା ଶ୍ରୀମତୀ ସଂଘମିତ୍ରା ରାଉତ ମୁଖ୍ୟବକ୍ତା ଭାବେ ଯୋଗ ଦେଇ ରାଷ୍ଟ୍ରୀୟ ଏକତା ଦିବସରେ ଭାରତର ସମ୍ବିଧାନକୁ ସମ୍ମାନ ଜଣାଇବା ସହିତ ଦେଶର ଏକତା ବଜାୟ ରହିବ ବୋଲି ମତବ୍ୟକ୍ତ କରିଥିଲେ । ଜାତୀୟ ସେବା ଯୋଜନା କାର୍ଯ୍ୟକ୍ରମ ଅଧିକାରୀ ମୀରା ସେନାପତି ସ୍ୱାଗତ ଭାଷଣ ଦେବା ସହ ଭାରତ ସରକାରଙ୍କ ପ୍ରଦତ୍ତ ଦେଶର ଏକତା ଓ ଅଖଣ୍ଡତାକୁ ବଜାୟ ରଖିବା ପାଇଁ ସ୍ୱେଚ୍ଛାସେବୀମାନଙ୍କୁ ଶପଥ ପାଠ କରାଇଥିଲେ । ଏହି ଦିବସ ଉପଲକ୍ଷ ମହାବିଦ୍ୟାଳୟ ପକ୍ଷରୁ ଅନୁଷ୍ଠିତ ପ୍ରତିଯୋଗିତା ମଧ୍ୟରୁ ଓଡ଼ିଆ ଓ ଇଂରାଜୀ ବିଭାଗ ବକ୍ତୃତା ସହିତ ଇଂରାଜୀ ରଚନା, ଓଡ଼ିଆ ରଚନା ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । ଏହି କାର୍ଯ୍ୟକ୍ରମରେ ମଦନମୋହନ ସାହୁ, ସବିତାରାଣୀ ଦାଶ, ତୃପ୍ତିଦାସ, ଅଭିପ୍ସା ନାୟକ, ଅଙ୍କିତା ସାହୁ, ପୂଜାରିଣୀ ଦାସ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ । ଶେଷରେ ଅନ୍ୟତମ କାର୍ଯ୍ୟକ୍ରମ ଅଧିକାରୀ ବିଜୟା ନାୟକ ସମସ୍ତଙ୍କୁ ଧନ୍ୟବାଦ ଦେବା ସହ ବର୍ତ୍ତମାନ ପରିସ୍ଥିତିରେ ଦେଶର ଏକତା ବଜାୟ ରଖିବାକୁ ହେଲେ ବାସ୍ତବତା ବୁଝିବାକୁ ପଡିବ ବୋଲି ଉଲ୍ଲେଖ କରିଥିଲେ ।


MAHARISHI PUBLIC SCHOOL



2021-2022

ADMISSION OPEN

Maharishi Public School, Baripada

STD-NURSERY TO VIII

ENROLL YOUR CHILD TODAY

(Special discount for new admission before 15.03.2021)

Find the Difference
- Small Classes
- Experienced, trained & loving teachers.
- Individual attention to each child.
- Regular meditation and yoga.
- Unique exam system, evaluation & Principles etc.

25% reservition as per RTE Act (2009)

MAHARISHI PUBLIC SCHOOL
Baghra Road, Baripada
For details
Contact :
Call-9438102188, 06792-255227
Time : 8.00 A.M. to 12.00 noon
E-mail- mps.bpd@gmail.com

Find us on
Facebook.com/Mps, Baripada






ପର୍ଯ୍ୟବେକ୍ଷକ
PARYABEKHYAK

Bhubaneswar Tuesday November 02, 2021 ଭୁବନେଶ୍ବର ମଙ୍ଗଳବାର, ନଭେମ୍ବର ୦୨,୨୦୨୧ Daily Edition : R.N.I.No: ODIODI /1999/00717 Postal Regd. No: BN/57/18-20 www.paryabekhyak.com




## ହିତାଧିକାରୀ ହନ୍ତସନ୍ତ : ଆବାସ ଗୃହ ଅଧା ଯୋଗୁଁ ୩ ମାସର ଖାଉଟି ସାମଗ୍ରୀ ବନ୍ଦ



ଖଣ୍ଡପଡା,(ପି.ଏନ): ଖଣ୍ଡପଡା ବ୍ଲକ ଅଧିନ କୁମ୍ଭାରପଡା ପଂଚାୟତ ଜାକେଲା ଗ୍ରାମର ଜଳନ୍ଧର ପରିଡାଙ୍କ ପରିବାରବର୍ଗ ନିର୍ଦ୍ଧାରିତ ସମୟରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ବାସଗୃହ ନିର୍ମାଣ କାର୍ଯ୍ୟ ଶେଷ କରି ନପାରି ହଟହଟା ହୋଇଥିବା ଜଣାପଡିଛି । ଖଣ୍ଡପଡା ବ୍ଲକ ପ୍ରଶାସନର ନିର୍ଦ୍ଦେଶକ୍ରମେ ଜଳନ୍ଧରଙ୍କୁ ଗତ ୩ ମାସ ହେଲା ପଂଚାୟତ କର୍ତ୍ତୃପକ୍ଷ ଖାଉଟି ସାମଗ୍ରୀ ପ୍ରଦାନ କରୁନଥିବାରୁ ପରିବାରବର୍ଗ ଅସନ୍ତୋଷ ପ୍ରକାଶ କରିଛନ୍ତି । ଘଟଣାରୁ ପ୍ରକାଶ ବ୍ଲକ ପ୍ରଶାସନ ପକ୍ଷରୁ ଜଳନ୍ଧରଙ୍କୁ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ବାସଗୃହ ନିର୍ମାଣ ନିମନ୍ତେ କାର୍ଯ୍ୟାଦେଶ ପ୍ରଦାନ କରାଯାଇଥିଲା । ଘରର ଛାତ ପତନ ପର୍ଯ୍ୟନ୍ତ କାର୍ଯ୍ୟ ଶେଷ ହୋଇଥିବା ବେଳେ ୨ଟି କିସ୍ତିରେ ପ୍ରଶାସନ ପକ୍ଷରୁ ତାଙ୍କୁ ଟଙ୍କା ପ୍ରଦାନ କରାଯାଇଛି । ଦିନ ମଜୁରିଆ ଭାବେ କାର୍ଯ୍ୟ କରି ପରିବାର ପ୍ରତିପୋଷଣ କରୁଥିବା ଜଳନ୍ଧର ଗତ ୪ମାସ ଧରି ରୋଗ ଯନ୍ତ୍ରଣା ଓ ଦାରିଦ୍ର୍ୟର କଷାଘାତରେ ଛଟପଟ ହେଉଥିବା ବେଳେ ଏପରି ସ୍ଥିତିରେ ଉକ୍ତ ପରିବାରବର୍ଗଙ୍କୁ ରାସନ ସାମଗ୍ରୀରୁ ବଂଚିତ କରାଯିବା ଦୁଃଖର ବିଷୟ । ପ୍ରଶାସନର ଏପରି ନିର୍ଦ୍ଦେଶକୁ ବିଭିନ୍ନ ମହଲରୁ ତୀବ୍ର ନିନ୍ଦା କରାଯାଇଛି । ତେବେ ଖଣ୍ଡପଡା ବିଡିଓଙ୍କ ନିର୍ଦ୍ଦେଶକ୍ରମେ ଜଳନ୍ଧରଙ୍କର ରାସନ ସାମଗ୍ରୀ ବନ୍ଦ କରାଯାଇଛି ବୋଲି କୁମ୍ଭାରପଡା ପଂଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ଶ୍ରୀନିବାସ ବହେରା ସୂଚନା ଦେଇଛନ୍ତି । ତେବେ ପ୍ରଶ୍ନ ଉଠେ ଜଳନ୍ଧରଙ୍କ ପରି ଆବାସ ଯୋଜନାରେ ବାସଗୃହ ନିର୍ମାଣ କରି ପାରିନଥିବା ଅନ୍ୟ ହିତାଧିକାରୀଙ୍କ ବିରୁଦ୍ଧରେ ପ୍ରଶାସନ ପକ୍ଷରୁ ଏଭଳି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି ନା କୌଣସି ଅଭିସନ୍ଧି ରଖି ପଂଚାୟତ କର୍ତ୍ତୃପକ୍ଷ ସଂପୃକ୍ତ ହିତାଧିକାରୀଙ୍କୁ ଏପରି ହଇରାଣ କରୁଛନ୍ତି ବୋଲି ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । ନୟାଗଡ ଜିଲ୍ଲାପାଳ ଏଥିପ୍ରତି ଦୃଷ୍ଟି ଦେବାକୁ ଦାବି ହେଉଛି ।

## କ୍ରିକେଟ ଟୁର୍ଣ୍ଣାମେଣ୍ଟ ପାଇଁ ପ୍ରସ୍ତୁତି ବୈଠକ

ଘଷିପୁରା,(ପି.ଏନ):ଘଷିପୁରା ମା'ମଙ୍ଗଳା କ୍ଲବ ଆନୁକୂଲ୍ୟରେ ଆସନ୍ତା ଜାନୁଆରୀ ମାସରେ ଅନୁଷ୍ଠିତ ହେବାକୁ ଥିବା କ୍ରିକେଟ ଟୁର୍ଣ୍ଣାମେଣ୍ଟ ପାଇଁ ସ୍ଥାନୀୟ କନକ ମରୀ ବାଲଶିକ୍ଷା ସଂସ୍ଥାନ ପରିସରରେ ଏକ ପ୍ରସ୍ତୁତି ବୈଠକ କ୍ଲବ ସଭାପତି ବୁଲୁ ପଟ୍ଟନାୟକଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ଆସନ୍ତା ଜାନୁଆରୀ ମାସ ୨ତାରିଖ ଠାରୁ ୮ତାରିଖ ମଧ୍ୟରେ ଟୁର୍ଣ୍ଣାମେଣ୍ଟ ହେବାକୁ ସ୍ଥିର କରାଯାଇଛି । ଉକ୍ତ ଟୁର୍ଣ୍ଣାମେଣ୍ଟରେ ରାଜ୍ୟ ବାହାରର ୮ ଗୋଟି ଟିମ୍ ଭାଗ ନେବାକୁ ନିଷ୍ପ□ ହୋଇଛି । ଏଥିପାଇଁ କ୍ଲବର ସମ୍ପାଦକ ନାରାୟଣ ସାହୁ, ସଦସ୍ୟ ରାଜେନ୍ଦ୍ର ସାହୁ, ଆଶିଷ ବେହେରା, ଦେବଦ□ ନାୟକ, ପ୍ରଶଂସଜିତ ପଟ୍ଟନାୟକ, ଜ୍ୟୋତିର୍ମୟୀ ଦାଶ, ମାନସ ସାହୁ, ଶୈଳେନ୍ଦ୍ର ମାରାଣ୍ଡି, ସ୍ୱପ୍ନେଶ୍ୱର ପଣ୍ଡା, ବସନ୍ତ କୁମାର ଜେନା, ସନ୍ଦୀପ ଜେନା, ସତ୍ୟଜିତ ସାହୁ ପ୍ରମୁଖ ବୈଠକରେ ସହଯୋଗ କରିଥିଲେ ।

## କରୋନା ହଟାଅ ପୁସ୍ତକ ଉନ୍ମୋଚିତ

ଖଣ୍ଡପଡା,(ପି.ଏନ): ଅବସରପ୍ରାପ୍ତ ଶିକ୍ଷକ ଗୋପୀନାଥ ପ୍ରଧାନଙ୍କ ଦ୍ୱାରା ଲିଖିତ କରୋନା ହଟାଅନ୍ତ ପୁସ୍ତକ ଖଣ୍ଡପଡା ଠାରେ ସୋମବାର ଉନ୍ମୋଚିତ ହୋଇଯାଇଛି । ମହାମାରୀ କରୋନା କବଳରେ ସମଗ୍ର ବିଶ୍ୱ ଥରହର ହେଉଥିବା ବେଳେ ସାଧାରଣରେ ସଚେତନତା ସୃଷ୍ଟିର ମହତ ଲକ୍ଷ୍ୟ ନେଇ ଏହି ପୁସ୍ତକଟି ପ୍ରକାଶ ପାଇଛି ବୋଲି ଲେଖକ ଶ୍ରୀ ପ୍ରଧାନ ଏକ ସାକ୍ଷାତକାରରେ ପ୍ରକାଶ କରିଛନ୍ତି । ନୟାଗଡ ଜିଲ୍ଲା ଭାପୁର ବ୍ଲକ ଅଧିନ କେଶରସିଂ ଗ୍ରାମର ଲେଖକ ଶ୍ରୀ ପ୍ରଧାନ ଶିକ୍ଷକତା ଜୀବନରୁ ଅବସର ନେବା ପରେ ଉପାଦେୟ ପୁସ୍ତକ ପ୍ରକାଶନ ଓ କବିତା ସଂକଳନରେ ବ୍ରତୀ ରହିଛନ୍ତି । ଲେଖକ ଶ୍ରୀ ପ୍ରଧାନଙ୍କ ଦ୍ୱାରା ଏଥି ପୂର୍ବରୁ ପ୍ରକାଶିତ ୧୦ଟି ପୁସ୍ତକ ଜନସାଧାରଣଙ୍କ ଦ୍ୱାରା ବେଶ ଆଦୃତ ଲାଭ କରିଛି । ବିଭିନ୍ନ ଅନୁଷ୍ଠାନ ଓ ଶିକ୍ଷାନୁଷ୍ଠାନଗୁଡିକ ବୁଲି ଶ୍ରୀ ପ୍ରଧାନ ତାଙ୍କ ଦ୍ୱାରା ପ୍ରକାଶିତ ପୁସ୍ତକ ଗୁଡିକୁ ବଂଟନ କରିଛନ୍ତି । ଜନସାଧାରଣରେ କରୋନା ଭୟ ଦୂର କରିବା ପାଇଁ ପ୍ରୟାସ ଜାରି ରଖିଥିବା ଲେଖକ ଶ୍ରୀ ପ୍ରଧାନଙ୍କୁ ବିଭିନ୍ନ ମହଲରୁ ପ୍ରଶଂସାର ସୁଅ ଛୁଟିବାରେ ଲାଗିଛି ।

## ବାଇମୁଣ୍ଡି ସାହିତ୍ୟ ସଂସ୍କୃତି ସୁରକ୍ଷା ପରିଷଦର ବାର୍ଷିକ ଉତ୍ସବ ଓ ପୁସ୍ତକ ଉନ୍ମୋଚନ



ଫୁଲନଖରା (ପି.ଏନ) : ବାଇମୁଣ୍ଡି ସାହିତ୍ୟ ସଂସ୍କୃତି ସୁରକ୍ଷାପରିଷଦର ବାର୍ଷିକ ଉତ୍ସବ ଓ ପୁସ୍ତକ ଉନ୍ମୋଚନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ସମାଜସେବୀ ତଥା ବରିଷ୍ଠ ଆଇନଜିବୀ ସୁରେନ୍ଦ୍ର ସାହୁଙ୍କ ଅଧକ୍ଷତାରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥିଭାବେ ପ୍ରଫେସର ବୈଷ୍ଣବ ଚରଣ ସାମଲ, ମୁଖ୍ୟ ବକ୍ତାଭାବେ ଡା. ଶୈଳେସ୍ୱର ନନ୍ଦ, ସମ୍ମାନୀତ ଅତିଥିଭାବେ ବିଜୟାନନ୍ଦ ସିଂହ ଓ ଓଡିଶା ସାହିତ୍ୟ କଳାପରିଷଦ ସଂପାଦକ ସଂଜିତ୍ କୁମାର ପଟ୍ଟନାୟକ ପ୍ରମୁଖ ଯୋଗଦେଇ ସଂସ୍କୃତି ସୁରକ୍ଷା ପରିଷଦ ଉପରେ ଆଲୋକପାତ କରିଥିଲେ । ଏହି ଉତ୍ସବରେ କବୈତ୍ରୀ କୁନ୍ତଳା ବେହେରାଙ୍କ ଦ୍ୱାରା ଲିଖିତ "ପଦ୍ମତୋଳା" ଓ ଅନ୍ୟାନ୍ୟ କବିତା ପୁସ୍ତକ ଉନ୍ମୋଚନ କରିବା ସହିତ ବିଭିନ୍ନ କ୍ଷେତ୍ରରେ ସଫଳତା ଅର୍ଜନ କରିଥିବା ବିଶିଷ୍ଟ ବ୍ୟକ୍ତିବିଶେଷମାନଙ୍କୁ ଏହି ଉତ୍ସବରେ ସମ୍ବୋଧିତ କରାଯାଇଥିଲା । ସଭା ଆରମ୍ଭରେ ଅନୁଷ୍ଠାନର ସଂପାଦକ ଦିନବନ୍ଧୁ ସାହୁ ସ୍ୱାଗତ ଭାଷଣ ପ୍ରଦାନ କରିଥିବାବେଳେ ରାଜିବ୍ କୁମାର ସଡଙ୍ଗୀ ଅତିଥି ପରିଚୟ ପ୍ରଦାନ କରିଥିଲେ । ଏହି ସଭା ଆରମ୍ଭରୁ କବିତା ପାଠ ଉତ୍ସବରେ କେନ୍ଦ୍ରପଡାର ବିଶିଷ୍ଟ କବି ସୁଦର୍ଶନ ମହାପାତ ଏବଂ କବି ବିଜୟନାଥ, ଶରତଚନ୍ଦ୍ର ମହାନ୍ତି ପ୍ରମୁଖ କବିତା ସଂଯୋଜନା କରିଥିଲେ । ଓଡିଶାର ବିଭିନ୍ନ ଜିଲ୍ଲାରୁ ଆସିଥିବା କବି କବୈତ୍ରୀମାନଙ୍କୁ ସ୍ୱରଚିତ କବିତାମାନ ଆବୃତ କରିଥିଲେ ।

## ବେଗୁନିଆରେ ଓଏସ ପ୍ରତିଭାଙ୍କୁ ସମ୍ବର୍ଦ୍ଧିତ

ଖୋର୍ଦ୍ଧା, (ପିଏନ)-ଖୋର୍ଦ୍ଧା ଜିଲ୍ଲା ବେଗୁନିଆ ବ୍ଲକ ଅନ୍ତର୍ଗତ ଗଡମାଣିତୀର ଗ୍ରାମର ବସନ୍ତ କୁମାର ମହାରଣାଙ୍କ ଝିଅ ମନସ୍ମିତା ମହାରଣା ଓଡିଶା ପ୍ରଶାସନିକ ସେବା ପରୀକ୍ଷାରେ କୃତକାର୍ଯ୍ୟ ହୋଇଥିବାରୁ ଏକ ସମ୍ବର୍ଦ୍ଧନା ସଭା ପ୍ରତିଭା ସାହିତ୍ୟ ସଂସଦ ପକ୍ଷରୁ ଅନୁଷ୍ଠିତ ହୋଇ ଯାଇଛି । ଏ ନେଇ ଆୟୋଜିତ ସଭାରେ ସଂସଦର ସମ୍ପାଦକ ବଳରାମ ରଣସିଂହଙ୍କ ଆବାହକତ୍ୱ ଓ ଶିକ୍ଷକ ବଳରାମ ରଣସିଂହଙ୍କ ସଂଯୋଜନାରେ ଉତ୍କଳ ବିଶ୍ୱ ବିଦ୍ୟାଳୟର ଅବସରପ୍ରାପ୍ତ ପ୍ରଫେସର ତଥା କଳା ନିର୍ଦ୍ଦେଶକ ଡଃ ବନ ବିହାରୀ ମହାପାତ୍ର ମୁଖ୍ୟ ଅତିଥି,ଶିକ୍ଷାବିତ ଗୋଦାବରୀଶ ପାଇକରାୟ ମୁଖ୍ୟ ବକ୍ତା, ନାରାୟଣ ମୁଦୁଲି ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ଜଣେ ନିର୍ଭିକ,ସଚ୍ଚୋଟ ଓ କର୍ତବ୍ୟ ନିଷ୍ଠ ପ୍ରଶାସନିକ ଅଧିକାରୀ ଭାବରେ କାର୍ଯ୍ୟ କରିବା ପାଇଁ ପରାମର୍ଶ ଦେଇଥିଲେ ।ସେ ୨୦୧୦ ମସିହାରେ ମାଟ୍ରିକ ପରୀକ୍ଷାରେ ସର୍ବୋଚ୍ଚ ନମ୍ବର ରଖି ପାସ କରିବା ପରେ ୨୦୧୨ ମସିହାରେ ଯୁକ୍ତ ଦୁଇ ଭୁବନେଶ୍ୱର ବିଜେପି ମହାବିଦ୍ୟାଳୟରୁ ଉତୀର୍ଣ୍ଣ ହୋଇ କୃଷି ବୈଷୟିକ ବିଶ୍ୱ ବିଦ୍ୟାଳୟରୁ ସ୍ନାତୋକତର ଡିଗ୍ରୀ ହାସଲ କରିଥିଲେ । ପରେ ଫରେଷ୍ଟ ସର୍ବିସ ପରୀକ୍ଷାରେ ଦ୍ୱିତୀୟ ସ୍ଥାନ ଅଧିକାର କରି ପ୍ରଶାସନିକ ସେବା ପରୀକ୍ଷାରେ କୃତକାର୍ଯ୍ୟ ହୋଇଥିବାରୁ ସ୍ଥାନୀୟ ଅଂଚଳରେ ଖୁସିର ଲହରୀ ଖେଳି ଯାଇଛି ।

## ୪ ଦଫା ଦାବି ନେଇ କେନ୍ଦୁଝର ଜିଲ୍ଲା ବିଜେପି ପକ୍ଷରୁ ଏସ୍‌ପି ଅଫିସ୍ ଘେରାଉ

କେନ୍ଦୁଝର, (ପି.ଏନ):କଳାହାଣ୍ଡି ଜିଲ୍ଲା ମହାଲିଙ୍ଗର ବହୁ ଚର୍ଚ୍ଚିତ ଶିକ୍ଷୟତ୍ରୀ ମମିତା ମେହେର ହତ୍ୟାକାଣ୍ଡ ଘଟଣା ସାରା ରାଜ୍ୟରେ ଚହଳ ସୃଷ୍ଟି କରିଥିବା ବେଳେ ରାଜ୍ୟର ପ୍ରମୁଖ ବିରୋଧି ଦଳ ବିଜେପି ପକ୍ଷରୁ ଏହାକୁ ନେଇ ସମଗ୍ର ରାଜ୍ୟରେ ଆନ୍ଦୋଳନ ଜାରି ରଖିଛି । ଏହି ପରିପ୍ରେକ୍ଷୀରେ ଆଜି କେନ୍ଦୁଝର ଜିଲ୍ଲା ବିଜେପି ପକ୍ଷରୁ ସଂପୃକ୍ତ ଗୃହ ରଷ୍ଟ୍ରମନ୍ତ୍ରୀ ଦିବ୍ୟଶଙ୍କର ମିଶ୍ରଙ୍କୁ ବହିସ୍କାର, ଗିରଫ ଓ ସିବିଆଇ ତଦନ୍ତ ଦାବିରେ ଏସ୍‌ପି ଅଫିସ୍ ଘେରାଉ କରାଯାଇଥିଲା । ଏଥି ସହିତ ଜିଲ୍ଲାର ବଡକାଳିମାଟିର ଲକ୍ଷ୍ମୀ ମୁଣ୍ଡା ଦୁଷ୍କର୍ମ ଓ ହତ୍ୟା ଘଟଣାକୁ ଆତ୍ମହତ୍ୟାର ରୂପ ଦେବା, ଆଦିବାସୀ ଯୁବକ ମୁନା ପୂ□ୀଙ୍କୁ ବେଆଇନ୍ ଭାବେ ଗିରଫ କରିବା, ବିରୋଧି ଦଳ ମୁଖ୍ୟ ସଚେତକ ତଥା କେନ୍ଦୁଝର ସଦର ବିଧାୟକ ମୋହନ ଚରଣ ମାଝୀଙ୍କ ଉପରେ ହୋଇଥିବା ବୋମା ମାଡ ଘଟଣାର ମୁଖ୍ୟ ଅଭିଯୁକ୍ତଙ୍କୁ ଗିରଫ କରିବା ଓ କେନ୍ଦୁଝର ଜିଲ୍ଲାରେ କ୍ରମବର୍ଦ୍ଧିଷ୍ଣୁ ଭାବେ ବଢି ଚାଲିଥିବା ୬ଦିନରେ ୪ ଦୁର୍ଷ୍କର୍ମ ଓ ହତ୍ୟାକାଣ୍ଡ ଘଟଣାରେ ପୋଲିସ୍ ପ୍ରଶାସନର ଅପାରଗତା ଓ ଆଇନ୍ ଶୃଙ୍ଖଳା ରୋକିବାରେ ଫେଲ ମାରିଥିବା କେନ୍ଦୁଝର ପୋଲିସ୍ ବିରୁଦ୍ଧରେ ୪ଦଫା ଦାବି ନେଇ ଏସ୍‌ପି ଏଫିସ୍ ସମ୍ମୁଖରେ ବିଶାଳ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା । କେନ୍ଦୁଝର ଜିଲ୍ଲା ବିଜେପି ସଭାପତି ଅଂଶୁମାନ ସବୁଜ ମହାନ୍ତ ବର୍ମାଙ୍କ ନେତୃତ୍ୱରେ ଆୟୋଜିତ ବିଶାଳ ବିକ୍ଷୋଭ ପ୍ରଦର୍ଶନୀରେ ରାଜ୍ୟ ମୁଖପାତ୍ର ସତ୍ୟବ୍ରତ ପଣ୍ଡା, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟା କିରଣବାଳା ନାୟକ, ଭବାନୀ ଶଙ୍କର ନାୟକ, ଜିଲ୍ଲା ଉପସଭାପତି ଗଣେଷ ମହାନ୍ତ, ଅଖୁ ଚରଣ ମହାନ୍ତ, ସ୍ୱପ୍ନା ସାହୁ, ଜିଲ୍ଲା ସାଧାରଣ ସମ୍ପାଦକ ଅନୁବ୍ରତ ବେହେରା, ଶୁକଦେବ ମହାନ୍ତ, ଜ୍ଞାନ ରନ ସାମନ୍ତ ସିଂହାର, ସମ୍ପାଦକ ଶିବ କୁମାର ରାଠୋର, ଦୀପକ ଜେନା, ଜିଲ୍ଲା କୋଷାଧକ୍ଷ ହରିହର ମହାନ୍ତ, ବିବେକାନନ୍ଦ ମହାନ୍ତ, ନଗର ସଭାପତି ବିଶ୍ୱଜିତ ତ୍ରିପାଠୀ, ନଗର ଯୁବମୋର୍ଚ୍ଚା ସଭାପତି ପ୍ରିୟବ୍ରତ ଜେନା, ଲକ୍ଷ୍ମଣ ବାରିକ, ଦେବେନ୍ଦ୍ର ଜେନା, ରାମଚନ୍ଦ୍ର ସାହୁ ପ୍ରମୁଖ ସାମିଲ ଥିଲେ ।

## ବ୍ରାହ୍ମଣ ଝରିଲୋ ମହାବିଦ୍ୟାଳୟର ଦୁର୍ନୀତି ନିବାରଣ ସପ୍ତାହ ପାଳନ ଓ ସପଥ ପାଠ

ଫୁଲନଖରା (ପି.ଏନ): କଟକ ଜିଲ୍ଲା ବାରଙ୍ଗ ବ୍ଲକ ଅନ୍ତର୍ଗତ ବ୍ରାହ୍ମଣଝରିଲୋ ମହାବିଦ୍ୟାଳୟରେ ଏନ୍.ସି.ସି. ଆନୁକୂଲ୍ୟରେ ଦୁର୍ନୀତିନିବାରଣ ସପ୍ତାହ ପାଳିତ ହୋଇଯାଇଛି । ଅକ୍ଟୋବର ଶେଷ ସପ୍ତାହକୁ ଦୁର୍ନୀତି ନିବାରଣ ସପ୍ତାହଭାବେ ପାଳନ କରାଯାଇଛି । ମହାବିଦ୍ୟାଳୟର ଏନ୍.ସି.ସି. ଅଫିସର ଅଧାପିକା ପ୍ରଜ୍ଞା ବେହେରାଙ୍କ ତତ୍ୱାବଧାନରେ ମହାବିଦ୍ୟାଳୟର ଏନ୍.ସି.ସି. ଛାତ୍ର ଛାତ୍ରୀ ଏବଂ ୱାଇ.ଆର.ସି.ର ସମସ୍ତ ସ୍ୱଛାସେବୀ ଛାତ୍ରଛାତ୍ରୀମାନେ ସକ୍ରିୟ ଭୂମିକା ଗ୍ରହଣ କରିଥିଲେ । ପେଟ୍ରୋଲ ପମ୍ପ ସ୍ଥାନୀୟ ଷ୍ଟେଟବ୍ୟାଙ୍କ ଓ ଅନ୍ୟାନ୍ୟ ସରକାରୀ ବେସରକାରୀ ଅନୁଷ୍ଠାନ ଅଧାପକ / ଅଧାପିକାଙ୍କ ତତ୍ୱାବଧାନରେ ପିଲାମାନେ ଯାଇ ଦୁର୍ନୀତିର ମୂଳୋଉପାଟନ କରିବା ଉଦ୍ଦେଶ୍ୟରେ ପ୍ରବର୍ତାଇ ସଂଗ୍ରାମ ଜାହିରି କରିଥିଲେ ଏବଂ କୌଣସି କାର୍ଯ୍ୟରେ ଉକ୍ରୋଚ ଦେବା ଓ ନେବା ତାହା ଠାରୁ ଦୂରେଇ ରହିବାକୁ ପରାମର୍ଶ ଦେଇଥିଲେ । ମହାବିଦ୍ୟାଳୟର ଏନ୍.ସି.ସି. ଓ ୱାଇ.ଆର.ସି. ଅଧାପକ ଅକ୍ଷୟ କୁମାର ଅଧାପିକା ନିହାରୀକା ଦାସ ଓ ଅଧାପକ ବିଜୟ କୁମାର ଦାସ ଏଥିରେ ସକ୍ରିୟ ଯୋଗଦାନ କରିଥିଲେ । ନଭେମ୍ବର ୧ ତାରିଖରେ ଏହି ସପ୍ତାହ ବ୍ୟାପି କାର୍ଯ୍ୟକ୍ରମ ଉଦ୍‌ଯାପନ ଦିବସ ପାଳିତ ହୋଇଯାଇଛି ।

## ବିଭିନ୍ନ ଅପରାଧରେ ସଂପୃକ୍ତ ଅଭିଯୁକ୍ତା ମହିଳା ଗିରଫ

ଖୋର୍ଦ୍ଧା, (ପିଏନ)- ଖୋର୍ଦ୍ଧା ଜିଲ୍ଲା ବାଘମାରୀ ଥାନା ପୋଲିସ ସୌମ୍ୟା ସେଫାଳିକା ପରିଡାଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଥିବା ବେଳେ ତାଙ୍କର ଜାମିନ ନାମଞ୍ଜୁର ହୋଇଛି । ପୋଲିସ ସୂଚନା ଅନୁଯାଇ ୨୦୧୯ ମସିହାରେ ପୁରୀ ଜିଲ୍ଲା କୁମ୍ଭାରପଡା ଥାନା ଅଂଚଳରେ ଏକ ଗ୍ୟାଙ୍ଗ ରେପରେ ମହିଳା ଜଣକ ମୁଖ୍ୟ ଅଭିଯୁକ୍ତ ଭାବରେ ସାମିଲ ହୋଇଥିଲେ । ଏଥିରେ ଅନ୍ୟ ଅଭିଯୁକ୍ତ ମାନେ ଗିରଫ ହୋଥିବା ବେଳେ ମହିଳା ଜଣକ ସେହିଦିନ ଠାରୁ ଫେରାର ହୋଇ ଭୁବନେଶ୍ୱରରେ ଏକ ବୋଲୋରୋ ଗାଡି ଚୋରୀ କରି ଘୁରି ବୁଲୁଥିଲେ । କିନ୍ତୁ ଅଭିଯୁକ୍ତା ମହିଳାଙ୍କୁ ପୋଲିସ ଗିରଫ କରିବା ପାଇଁ ବିଭିନ୍ନ ସ୍ଥାନରେ ଚଢାଉ କରାଯାଉଥିଲେ ମଧ୍ୟ ଅତି ସତର୍କତାର ସହ ଖସି ଯାଉଥିଲେ ।ସେହି ମହିଳା ଜଣକ ବାଙ୍ଗାଲୋର ଯିବା ପାଇଁ ପ୍ରସ୍ତୁତି ଚଳାଉଥିବା ସମୟରେ କୌଣସି ବିସ୍ୱସ୍ତ ସୂତ୍ରରୁ ବାଘମାରୀ ପୋଲିସ ଖବର ପାଇ ତାଙ୍କ ନିଜ ସ୍ୱାମୀଙ୍କ ଘରେ ଚଢାଉ କରି ଗିରଫ କରି କୋର୍ଟ ଚାଲାଣ କରିଛି ।




ADMISSION OPEN

MAHARISHI PLAY SCHOOL

A Great Place to Grow @ mps

PLAY GROUP (2+)

NURSERY (3+)

LKG, UKG, STD-I TO V



FIND THE DIFFERENCE

●Surveillance through CCTV Camera ●Small Classes ●Congenial Environment ●Intimate, Safe & Secured Place ●Experienced & loving teachers ●Individual attention to each child ●Spacious Playground ●AC Activity Room ●Transport Facilities

TUITION CLASSES for Std I to Std V

Timing: 5 PM to 6.30 PM



MAHARISHI PUBLIC SCHOOL

N4-F/24, IRC Village, Nayapalli, Bhubaneswar, Phone: 0674-2558884,2550786

E-mail: maharishipublic13@gmail.com

25% Seats reserved in Std. 1 under RTE Act



Printed & Published by Budhadev Mohapatra on behalf of Hiranmayee Media Pvt. Ltd. & Printed at Mayur Offset Printers, Plot No. D-1/1, Mancheswar Industrial Estate, Bhubaneswar-751010 & Published at N-4, F/24, IRC Village, Nayapalli, Bhubaneswar, Dist-Khordha, Pin-751015, Phone : (0674© 2550751/2555116, Fax No. : 2550504, E-mail :editorpbkc@gmail.com, paryabekhyak@gmail.com

ସମ୍ପାଦକ : ଡକ୍ଟର ପବିତ୍ର ମୋହନ ସାମନ୍ତରାୟ
EDITOR : Dr. Pabitra Mohan Samantaray